# ଲୁପ୍ତପ୍ରାୟ ବିରଳ ନୀଳରକ୍ତ କଙ୍କଡ଼ା

ବାଲେଶ୍ୱର, ୨୧।୪(ସମିସ):




ସମୁଦ୍ର କୂଳରେ ଅନେକ ନୀଳରକ୍ତ କଙ୍କଡା ମରି ପଡ଼ିଛନ୍ତି। ବିଶେଷକରି ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା ଲୋକମାନଙ୍କ ଜାଲରେ ଏମାନେ ପଡ଼ି ଅକାଳରେ ମୃତ୍ୟୁବରଣ କରିଛନ୍ତି। ମତ୍ସ୍ୟଜୀବୀମାନେ ଜାଲରୁ ମାଛକୁ ବିକ୍ରି ପାଇଁ ନେବା ବେଳେ ଏମାନଙ୍କୁ ସମୁଦ୍ର ଆଡିରେ ଫିଙ୍ଗିଦେଇ ଯାଉଛନ୍ତି। ଯାହା ଜାଲରେ ଛନ୍ଦି ହୋଇ ମୂଲ୍ୟବାନ ସାମୁଦ୍ରିକ ଜୀବ ନୀଳରକ୍ତ କଙ୍କଡା ମୃତ୍ୟୁର ପ୍ରମୁଖ କାରଣ। ଫଳରେ ଧୀରେ ଧୀରେ ଏହି ବିରଳ ନୀଳରକ୍ତ କଙ୍କଡା ଲୋପ ପାଇବାକୁ ବସିଲାଣି। ଏହାବ୍ୟତୀତ ଚୋରା ଚାଲାଣ ହେଉଛି ନୀଳରକ୍ତ କଙ୍କଡ଼ା। ଅନେକ ଏହି କଙ୍କଡାକୁ ବ୍ୟାଗ୍ ରେ ଭର୍ତି କରି ବିକ୍ରି କରିଦେଉଥିବା ଅଭିଯୋଗ ମଧ୍ୟ କରିଛନ୍ତି। ତେବେ ଚେକ୍ ଗେଟ୍ ମାଧ୍ୟମରେ ଏହି ସାମୁଦ୍ରିକ ଜୀବର ତଦାରଖ କରାଯାଇପାରିବ।

ମିଳିଥିବା ସୂଚନା ଅନୁସାରେ, ବାଲେଶ୍ୱର ଉପକୂଳରେ ପ୍ରାୟତଃ ପୂର୍ଣ୍ଣମୀ, ଅମାବାସ୍ୟା ଜୁଆର ସମୟରେ ସମୁଦ୍ର କୂଳକୁ ଗଲେ ଯୋଡି ହୋଇ କଙ୍କଡା ଆସୁଥିବାର ଦେଖିବାକୁ ମିଳେ। ମାତ୍ର ଏବେ ଏହା ଧୀରେ ଧୀରେ ବିଲୁପ୍ତ ହେବାକୁ ବସିଲେଣି। ସୁରକ୍ଷା, ବଂଶବୃଦ୍ଧି ଓ ପ୍ରୋତ୍ସାହନ ଅଭାବରୁ ବିଲୁପ୍ତ ହେବାକୁ ଯାଉଛି ଏହି ନୀଳରକ୍ତ କଙ୍କଡ଼ା। ଭାରତର ପଶ୍ଚିମବଙ୍ଗ ଓ ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ନଦୀ ମୁହାଣରେ ଏହି ନୀଳରକ୍ତ କଙ୍କଡ଼ା ଦେଖିବାକୁ ମିଳିଥାଏ। ଏହାକୁ କେହି କେହି ରାମ ଲକ୍ଷ୍ମଣ କଙ୍କଡା ମଧ୍ୟ କହିଥାନ୍ତି। କିନ୍ତୁ ଅନେକ ଲୋକ ଏହି କଙ୍କଡାର ନାମ ଓ ଉପକାରିତା ବାବଦରେ ଜାଣିନାହାନ୍ତି। ଅଲିଭ୍ ରିଡ଼ଲେ ପରି ନୀଳରକ୍ତ କଙ୍କଡ଼ାକୁ ମଧ୍ୟ ଗୁରୁତ୍ୱ ଦେବା କଥା। କାରଣ ଏହାର ରକ୍ତରେ ଔଷଧୀୟ ଗୁଣ ରହିଛି ଯାହା ମାନବ ଜାତି ପାଇଁ ଦରକାରୀ। କର୍କଟ ଭଳି ଦୁଃସାଧ୍ୟ ରୋଗକୁ ପ୍ରତିହତ କରିବାର କ୍ଷମତା ଅଛି ବୋଲି ଗବେଷକମାନେ ମତପ୍ରକାଶ କରିଛନ୍ତି। ସଦର ବ୍ଲକର ଦୁଇଟି ପଞ୍ଚାୟତ ଗୁଡୁ ଓ ବର୍ଦ୍ଧନପୁରରେ ୫୦୦୦ ରୁ ୮୦୦୦ ସମୁଦ୍ରକୂଳରେ ଭିତରେ ଅନେକ ନୀଳରକ୍ତ କଙ୍କଡା ମୃତ୍ୟୁବରଣ କରି ପଡ଼ିଛନ୍ତି। ଯାହା ପ୍ରତି କାହାର ନିଘା ମଧ୍ୟ ନାହିଁ। ବାଲେଶ୍ୱର ଉପକୂଳରୁ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ଦୁଇଟି ପ୍ରଜାତି ନୀଳରକ୍ତ କଙ୍କଡା ଦେଖାଯାନ୍ତି। ତେବେ ବାଲେଶ୍ୱରର ଚାନ୍ଦିପୁର ଅଞ୍ଚଳରେ ଗୋଟିଏ ପ୍ରଜାତି ଏବଂ ବାସୁଦେବପୁର ପଟେ ଆଉ ଏକ ପ୍ରଜାତିର ନୀଳରକ୍ତ କଙ୍କଡ଼ା ଦେଖିବାକୁ ମିଳେ। ପରିତାପର ବିଷୟ ଯେ, ଭାରତରେ ଏହାକୁ ବ୍ୟବସାୟିକ ଦୃଷ୍ଟିରେ ରଖି ଏଯାଏଁ ଗବେଷଣା ହୋଇନାହିଁ। ବାଲେଶ୍ୱର ଉପକୂଳର ଗୁଡୁପାଏ (ଖାଣ୍ଡିଆ), ବଳରାମଗଡ଼ି ମୁହାଣ, କଷାଫଳ, ବାହାବଳପୁର, ହଂସକୋରା, କିର୍ତ୍ତନିଆ, ଡଗରା, ବିଚିତ୍ରପୁର ଓ ତାଳସାରି ଆଦି ଅଞ୍ଚଳରେ ଦୁଇଟି ପ୍ରଜାତିର ନୀଳରକ୍ତ କଙ୍କଡା ଦେଖିବାକୁ ମିଳୁଥିଲା। ଗୋଟେ ହେନ୍ତାଳ ବଣ ନୀଳରକ୍ତ କଙ୍କଡା ଓ ଅନ୍ୟ ଗୋଟିଏ ଭାରତୀୟ ନୀଳରକ୍ତ କଙ୍କଡା। ମାତ୍ର ଧୀରେ ଧୀରେ ଏହା ବିଲୁପ୍ତ ହେବାକୁ ଯାଉଛି। ବିଶେଷକରି ସମୁଦ୍ରରେ ଥିବା ଭୂତ ଜାଲ ବା ଠିଆ ଜାଲରେ ଲାଗି ନୀଳରକ୍ତ କଙ୍କଡା ମରିଯାଆନ୍ତି। ସଚେତନ ଅଭାବରୁ ଏଭଳି ଘଟଣା ଘଟୁଛି। ସମୁଦ୍ର କୂଳରେ ଗଦା ଥିବା ଜାଲରେ ପଡ଼ି ରହନ୍ତି। ତେବେ ଏହାର ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି। ଏଥିପାଇଁ ଗଣ ସଚେତନତା ଆବଶ୍ୟକ ରହିଛି ବୋଲି ଓଡ଼ିଶାର କ୍ରାବ୍ ମ୍ୟାନ ଭାବରେ ଲୋକପ୍ରିୟ ଡ. ବିଶ୍ୱଜିତ ପଣ୍ଡା କହିଛନ୍ତି। ୮୦୦୦ ସମୁଦ୍ର କୂଳରେ ୫୦୦/୬୦୦ ମିଟର ବୁଲିକି ଆମେ ନୀଳରକ୍ତ କଙ୍କଡା ମରି ପଡ଼ିଥିବାର ଦେଖିଲୁ। ନୀଳରକ୍ତ କଙ୍କଡା ଓ ଏହାର ରକ୍ତର ଔଷଧୀୟ ଗୁଣ ବିଷୟରେ ସମୁଦ୍ର କୂଳରେ ରହୁଥିବା ଲୋକମାନେ ଆଦୌ ଜାଣିନାହାନ୍ତି। ମାଛ ଧରୁଥିବା ଲୋକମାନଙ୍କ ଜାଲ ଦ୍ୱାରା ଏମାନଙ୍କର ମୃତ୍ୟୁ ହେଉଛି। ମାସ୍ ଲୋକଙ୍କୁ ସଚେତନ କରିବା ପାଇଁ ସେମିତି କିଛି ପ୍ରୟାସ କରାଯାଇନାହିଁ। ସମୁଦ୍ରରେ ଜାଲ ଦ୍ୱାରା ମାଛ ଧରୁଥିବା ଓ ଚିଙ୍ଗୁଡ଼ି ଜାଆଁଳ ଧରୁଥିବା ଲୋକମାନଙ୍କୁ ସଚେତନ କରିପାରିଲେ ଏମାନଙ୍କର ମୃତ୍ୟୁ ସଂଖ୍ୟା କେତେକାଂଶରେ କମିଯାଆନ୍ତା। ଆଞ୍ଚଳିକ ଭାଷାରେ ଏହାକୁ କଙ୍କଡ କୁହାଯାଏ। ମୁନ କମ୍ୟୁନିକେସନ ତରଫରୁ ଆମେ ସମୁଦ୍ର କୂଳରେ ଥିବା ଗାଁରେ ସାଇକେଲ ରାଲି ଓ ସ୍କୁଲ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଜାରି ରଖିଛୁ। ମାଛ ଧରୁଥିବା ଲୋକଙ୍କ ମଧ୍ୟରେ ଏହାର ସଚେତନତା ପାଇଁ ଯଦି ଫିସର୍ ମ୍ୟାନ୍ କୋପରେଟିଭ୍ ସୋସାଇଟିକୁ ସାମିଲ କରାଯାଆନ୍ତା ତାହେଲେ ଅନେକ ସୁଫଳ ମିଳିପାରନ୍ତା। ନହେଲେ କୁମ୍ଭୀର ଭଳି ସ୍ୱତନ୍ତ୍ର ପ୍ରଜନନ ହ୍ୟାଚେରୀ କରାଗଲେ ଏମାନଙ୍କର ବଂଶବୃଦ୍ଧି ଘଟିପାରନ୍ତା ବୋଲି ରଣସାହିର ଅବନୀ କୁମାର ଜେନା କହିଛନ୍ତି।

- ଜାଲରେ ଛନ୍ଦି ହୋଇ ଯାଉଛି ଜୀବନ
- ସମୁଦ୍ର କୂଳରେ ମରି ପଡୁଛନ୍ତି
- ସୁରକ୍ଷା ଲାଗି ବ୍ୟାପକ ସଚେତନତା ଲୋଡ଼ା

## ହେଲ୍‌ଦି ଲାଇଫ୍‌ର ମାନସିକ ବିକାଶ ଓ ଯୋଗ କର୍ମଶାଳା

ବାଲେଶ୍ୱର, ୨୧।୪(ସମିସ): ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ ଓ ଇନଷ୍ଟିଚ୍ୟୁଟ ଅଫ ନେଚର କିଅର ଏଣ୍ଡ ଯୋଗିକ ସାଇନସ ପକ୍ଷରୁ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠିତ ହେଉଥିବା ସାତ ଦିନିଆ ମାନସିକ ବିକାଶ ଓ ଯୋଗ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମଦର ଟେରେସା ଇଂରାଜୀ ମିଡିୟମ ସ୍କୁଲର ଅଧ୍ୟକ୍ଷା ଗୀତାଞ୍ଜଳୀ ରାଉତ ଯୋଗଦେଇ ବର୍ତମାନ ସମୟରେ ଆମ ମାନଙ୍କ ଶରୀର ଏକ୍ଟିଭ ରହୁଛି ହେଲେ ମନ ଇନଆକଟିଭ ରହୁଛି। ଯାହାଫଳରେ ବିଭିନ୍ନ ମାନସିକ ରୋଗ ସୃଷ୍ଟି ହେଉଛି ସେଥିପାଇଁ ମାନସିକ ରୋଗକୁ ଦୂର କରିବା ପାଇଁ ଯୋଗ ଆବଶକ। ଯୋଗକୁ ବାଧ୍ୟତାମୂଳକ ଭାବେ ପ୍ରତ୍ୟେକ ବିଦ୍ୟାଳୟରେ କରିବା ଦରକାର ସେଥିପାଇଁ ସରକାରୀ ସ୍ତରରେ ଏହାକୁ ଦୃଷ୍ଟି ଦେବା ଆବଶ୍ୟକ ରହିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଫକୀରମୋହନ କଲେଜର ପ୍ରଫେସର ଡ. ମଧୁସ୍ମିତ। ଘଡେଇ ଯୋଗଦେଇ ଛୋଟ ପିଲାମାନଙ୍କୁ ଯୋଗ ଶିକ୍ଷା ଆବଶ୍ୟକ। ସେଥିପାଇଁ ମା'ମାନେ ପ୍ରଥମେ ଯୋଗ କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟର ନିର୍ଦ୍ଦେଶକ ଡ. ଚିତ୍ତରଞ୍ଜନ ସାହୁ ଯୋଗଦେଇ ମାନସିକ ବିକାଶ ପାଇଁ ବାମ ଓ ଡାହଣ ମସ୍ତିକ ସନ୍ତୁଳିତ ରହିବାକୁ ହେଲେ ଯୋଗାସନ କରିବା ଦରକାର ବୋଲି କହିଥିଲେ। କଲେଜର ଅଧ୍ୟକ୍ଷା ଅର୍ଚ୍ଚନା ଦାସ ମହାବିଦ୍ୟାଳୟରେ ଯୋଗ ଡିପ୍ଲୋମା, ପିଜି ଡିପ୍ଲୋମା, ଏମଏ ଇନ ଯୋଗା ଓଡ଼ିଶା ସରକାରଙ୍କ ଦ୍ୱାରା ବିଭିନ୍ନ ସରକାରୀ ଓ ବେସରକାରୀ ଚାକିରିରେ ନିଯୁକ୍ତି କରାଯାଉଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲରୁ ପ୍ରାୟ ଶତାଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଅଧ୍ୟାପିକା ଅନିତା ମିଶ, ସ୍ନାତକୋତର ଛାତ୍ରୀ କାନ୍ତକ୍ରୀଷ୍ଣା ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପକ ଅଭିଷେକ ଦାସ ଧନ୍ୟବାଦ ଦେଇଥିଲେ।




## ଅଲଓଡ଼ିଶା ଭେଟ୍‌ରାନ ସୋଲଜର୍ସ ଆସୋସିଏସନର ବାର୍ଷିକ ସମ୍ମିଳନୀ



ବାଲେଶ୍ୱର, ୨୧।୪(ସମିସ): ଅଲ ଓଡ଼ିଶା ଭେଟେରାନ ସୋଲଜର୍ସ ଆସୋସିଏସନର ବାଲେଶ୍ୱର ଶାଖା ପକ୍ଷରୁ ବାର୍ଷିକ ସମ୍ମିଳନୀ ଓ ବନ୍ଧୁମିଳନ ସ୍ଥାନୀୟ ଭେନ୍ୟା ପାରାଡାଇଜ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ତଥା ଶିକ୍ଷାବିତ ଡ. ଶିରିଶ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ସାହିତ୍ୟିକ ତଥା କଥାକାର କବି ପ୍ରଶାନ୍ତ ଦାସ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଷ୍ଟ୍ର ପାଇଁ ସାହାସୀ ସୈନିକ ଓ ଉତ୍ତମ ଶିକ୍ଷକଙ୍କ ଆବଶ୍ୟକତା ରହିଥିବା କହିଥିଲେ। ପରିବାର ଠାରୁ ଆରମ୍ଭ କରି ସମାଜ ତଥା ସମଗ୍ର ଦେଶରେ ଏକତାର ପରିଭାଷାକୁ କେବଳ ସୈନିକମାନେ ପ୍ରତିପାଦିତ କରିପାରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଆସୋସିଏସନର ରାଜ୍ୟ ସଭାପତି ମହେଶ୍ୱର ବେହେରା, ରାଜ୍ୟ ସମ୍ପାଦକ ଉମେଶ କୁମାର ଚଇନି, କଟକ ଜିଲ୍ଲା ସଭାପତି ଦିଲ୍ଲୀ ମହାପାତ୍ର ଓ ମୟୂରଭଞ୍ଜ ଜିଲ୍ଲା ସଭାପତି ଜନାର୍ଦ୍ଦନ ମହାନ୍ତ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେନା ବାହିନୀରେ ତଥା ଅବସର ପରେ ସୈନିକମାନେ ସାମନା କରୁଥିବା ବିଭିନ୍ନ ସମସ୍ୟା ଓ ତାହାର ନିରାକରଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ସୈନିକ ଓ ବିରଗତି ପ୍ରାପ୍ତ ସୈନିକଙ୍କ ବିଧବା ବିରଙ୍ଗନାମାନେ ଅଧିକ ଶୋଷଣ ଶିକାର ହେଉଛନ୍ତି। ଏ ଦିଗରେ ଆସୋସିଏସନର ଦାୟିତ୍ୱ ଢେର ଅଧିକ। ଯବାନମାନଙ୍କ ସମସ୍ୟା ନିରାକରଣ ଉପରେ ସରକାରଙ୍କ ସହ ବିଭିନ୍ନ ଆଲୋଚନା ହୋଇଥିବାବେଳେ ଆଗାମୀ ଦିନରେ ମଧ୍ୟ ପ୍ରଚେଷ୍ଟା ଜାରି ରହିବ ବୋଲି ରାଜ୍ୟ ସଭାପତି ଶ୍ରୀ ବେହେରା କହିଥିଲେ। ଏହି କାର୍ଯ୍ୟକ୍ରମରେ ଆସୋସିଏସନର ଜିଲ୍ଲା ସଭାପତି ଚନ୍ଦ୍ରମଣି ମହାପାତ୍ର ପୌରହିତ୍ୱ କରିଥିଲେ। ଜିଲ୍ଲା ସମ୍ପାଦକ ଧୀରେନ୍ଦ୍ର ପଣ୍ଡା, ଉପସଭାପତି ଗଙ୍ଗାଧର ଦଳେଇ, କୋଷାଧ୍ୟକ୍ଷ ପ୍ରମୋଦ କୁମାର ପାଣି ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ବାସୁଦେବପୁର ଶାଖାର ସଙ୍ଗଠନ ସମ୍ପାଦକ କୈଳାସ ନାଥ ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ବାହାନଗା ରେଳ ଦୁର୍ଘଟଣା ସମୟରେ ଲୋକଙ୍କୁ ଉଦ୍ଧାର ସହ ସେବା ସୁଶ୍ରୁତା ପାଇଁ ଦୀପକ ବେହେରା ଓ ନୀଳଗିରିରେ ବ୍ୟାପକ ବୃକ୍ଷରୋପଣ ପାଇଁ ରାଜେନ୍ଦ୍ର କୁମାର ଜେନାଙ୍କୁ ଆସୋସିଏସନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ମୟୂରଭଞ୍ଜର ଆଦିବାସୀ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆସୋସିଏସନ ପକ୍ଷରୁ କଳାକାରମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅବସରପ୍ରାପ୍ତ ସେନିକ ଓ ସେମାନଙ୍କ ପରିବାରବର୍ଗ ଏହି କାର୍ଯ୍ୟକ୍ରମର ଯୋଗଦେଇଥିଲେ। ଶେଷରେ ଦୀପକ ବେହେରା ଧନ୍ୟବାଦ ଦେଇଥିଲେ।

ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରି କରିବା ପାଇଁ ଗୋଟିଏ ଦିନ ବାକି

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅପେକ୍ଷା

ବାଲେଶ୍ୱର, ୨୧।୪(ସମିସ): ୨୦୨୩ ମସିହା ମାର୍ଚ୍ଚ ୨୩ ତାରିଖରେ ଜିଲ୍ଲାପାଳ ଓ ଏସଏସପିଇଡି ବିଭାଗ ୨୬/୪/୨୩ରେ ରାଣୀ ପାଟଣା ଦୃଷ୍ଟିହୀନ ବିଦ୍ୟାଳୟ ପରିଚାଳନା ବିକଳାଙ୍ଗ କଲ୍ୟାଣ ପ୍ରତିଷ୍ଠାନ ପ୍ରଦାନ ଆଦେଶକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଖାରଜ କରିବା ସହିତ ଉକ୍ତ ବିଦ୍ୟାଳୟ ପରିଚାଳନା ଭାର ଡବ୍ଲୁପିସି ୧୫୭୮୧/୨୩ ଆବେଦନ କାରୀ ତଥା ପ୍ରତିଷ୍ଠାତା ଦିବାକର ଦିବାକର ସଙ୍କୁ ଫେରାଇବା ସହିତ ଆସନ୍ତା ୨୦୨୪ମସିହା ଏପ୍ରିଲ ୨୩ତାରିଖ ପୂର୍ବରୁ ପ୍ରଦାନ କରିବା ପାଇଁ ଉଚ୍ଚ ନ୍ୟାୟାଳୟ ୨୦୨୪ମସିହା ମାର୍ଚ୍ଚ ମାସ୧୨ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଇତି ମଧ୍ୟରେ ଆଡଭୋକେଟ ଜେନେରାଲଙ୍କ ପତ୍ର ସଂଖ୍ୟା ୧୭୩୭ ୯ ତା୧୯/୩/୨୪ ଓ ଏସଏସପିଇଡି ବିଭାଗ ପତ୍ର ସଂଖ୍ୟା ୨୭୮୦ ତା ୪/୪/୨୪ ରେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ୧୨/୩/୨୪ ରିଖରେ ଡବ୍ଲୁପିସି ୧୫୭୮୧/୨୩ ମକଦ୍ଦମାରେ ଦିଆଯାଇଥିବା ନିର୍ଦ୍ଦେଶକୁ ୨୦୨୪ ଏପ୍ରିଲ ୨୩ ପୂର୍ବର କାର୍ଯ୍ୟକାରୀ କରିବା ପାଇଁ ଜଣାଇ ଦିଆଯାଇଥିଲା। ମାତ ଏହି ନିର୍ଦ୍ଦେଶନାମାକୁ ଅଦ୍ୟାବଧି ଏକ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ ଆଉ ମାତ୍ର ଗୋଟିଏ ଦିନ ବାକି ରହିଛି। ଜିଲ୍ଲାପାଳ ବାଲେଶ୍ୱର ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶନାମା କାର୍ଯକାରୀ କରିବା ପାଇଁ ତତ୍ପର ଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଧ୍ୟ ଆଗ୍ରହୀ ରହିଛନ୍ତି। ହେଲେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ କି ପ୍ରକାର ପ୍ରତିବନ୍ଧକ ସୃଷ୍ଟି ହେଉଛି ତାହା ଜଣାପଡୁନାହିଁ। ଏଣୁ ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ପାଇଁ ମାତ୍ର ଗୋଟିଏ ଦିନ ଥିବା ବେଳେ ଜିଲ୍ଲାପାଳ ବାଲେଶ୍ୱର ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ପାଳନ କରି ଦୃଷ୍ଟିହୀନ ବିଦ୍ୟାଳୟ ପରିଚାଳନା ଦାୟିତ୍ୱ ଆବେଦନକାରୀ ତଥା ପ୍ରତିଷ୍ଠାତା ନିର୍ଦ୍ଦେଶକ ଶ୍ରୀ ସଙ୍କୁ ହସ୍ତାନ୍ତର କରିବା ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି।

## ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍‌ର ବାର୍ଷିକ ଅଧିବେଶନ




ବାଲେଶ୍ୱର, ୨୧।୪(ସମିସ): ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍ ବାଲେଶ୍ୱର ଜିଲ୍ଲା କମିଟିର ୫ମ ବାର୍ଷିକ ଅଧିବେଶନ ଓ ୨ୟ ଜିଲ୍ଲା ସମ୍ମିଳନୀ ଉଠାଜଳ ସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସାଧାରଣ ସଭାରେ ଆସୋସିଏସନ୍‌ର ବରିଷ୍ଠ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ଦିବଂଗତ ସଦସ୍ୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲ୍ଲା ସମ୍ପାଦକ ବିଷ୍ଣୁ ପ୍ରସାଦ ମହାନ୍ତି ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ଜଳଧର ପଣ୍ଡା ଆୟବ୍ୟୟର ବିବରଣୀ ଉପସ୍ଥାପିତ କରିଥିଲେ। ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ମାସିକ ସର୍ବନିମ୍ନ ୯ ହଜାର ଟଙ୍କା ପେନସନ, ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଅନୁଯାୟୀ ବେତନ ହାରରେ ଅଧିକ ପେନସନ୍ ଏବଂ ମହଙ୍ଗା ଭତ୍ତା ପ୍ରଦାନ ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ଦାବି ପୂରଣ ପାଇଁ ସାଧାରଣ ନିର୍ବାଚନ ପରେ ରେଲରୋକ, ଜାତୀୟ ରାଜପଥ ଅବରୋଧ ଓ ସମସ୍ତ କେନ୍ଦ୍ର ସରକାରୀ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପାଇଁ ରାଜ୍ୟ କମିଟି ଓ ଜାତୀୟ କମିଟିକୁ ସମ୍ମିଳନୀରେ ପ୍ରସ୍ତାବ ଦିଆଯାଇଛି। ସାଧାରଣ ଅଧିବେଶନରେ ଅତିଥି ଓ ବକ୍ତାଭାବେ ପୂର୍ବତନ ବିଧାୟକ ତଥା ସିଆଇଟିୟୁ ନେତା ପ୍ରଦୀପ୍ତ ପଣ୍ଡା, ଆଇଏନଟିୟୁସି ଜିଲ୍ଲା ସମ୍ପାଦକ ବିକାଶ ଦାସ, ଏଆଇଟିୟୁସିର ଆଇନ୍ ପରାମର୍ଶଦାତା ନିରଞ୍ଜନ ପରିଡ଼ା, ବରିଷ୍ଠ ନାଗରିକ ମଞ୍ଚର ଜିଲ୍ଲା ସମ୍ପାଦକ ଦାମୋଦର ନାୟକ, ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ବରିଷ୍ଠ ସମାଜସେବୀ ସୀତାରାମ ପ୍ରଧାନଙ୍କ ସମେତ ପରମେଶ୍?ର ପାତ୍ର, ଶରତ ଚନ୍ଦ୍ର ଦଳାଇ, ଅନିରୁଦ୍ଧ ମନ୍ତ୍ରୀ, ଇଂ. ଉଜ୍?ଳ କୁମାର ଚାନ୍ଦ, ବ୍ରଜ କୁମାର ଦାଶ, ପୂର୍ଣଚନ୍ଦ୍ର ପାତ୍ର ପ୍ରମୁଖ ବକ୍ତବ୍ୟରେ ଏହି ବରିଷ୍ଠ ନାଗରିକମାନଙ୍କ ମାସିକ ପେନସନ୍ ବୃଦ୍ଧି ଦାବି ଓ ପ୍ରସ୍ତାବିତ ଆନ୍ଦୋଳନକୁ ଦୃଢ଼ ସମର୍ଥନ ଜଣାଇଥିଲେ। ମାୟାଧର ନାୟକ ଆସନ୍ତା ବର୍ଷ ପାଇଁ ନୂତନ କର୍ମକର୍ତ୍ତାଙ୍କ ନାମ ପ୍ରସ୍ତାବ ଆଗତ କରିବା ପରେ ତାହା ଗୃହୀତ ହୋଇଥିଲା। ରୁପ୍‌ସା ଝୋଟ କାରଖାନାର ପୂର୍ବତନ ଶ୍ରମିକ ବୈଦ୍ୟନାଥ ପାତ୍ର ବୈପ୍ଳବିକ ସଙ୍ଗୀତ ଗାନ କରିଥିଲେ। ଶେଷରେ ଜିଲ୍ଲା କମିଟିର ଅଫିସ୍ ସମ୍ପାଦକ ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ।

## ବାଲେଶ୍ୱର ଜିଲ୍ଲାସ୍ତରୀୟ ହସ୍ତଶିଳ୍ପୀ ଓ ବୁଣାକାର ସମାବେଶ



ବାଲେଶ୍ୱର, ୨୧।୪(ସମିସ): ଓଡ଼ିଶା ଶିଳ୍ପୀ ମହାସଂଘ ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲାସ୍ତରୀୟ ହସ୍ତଶିଳ୍ପୀ ଓ ବୁଣାକାର ସମାବେଶ ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା ତଥା ସାଙ୍ଗଠନିକ ଶକ୍ତି ବୃଦ୍ଧି ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଶିଳ୍ପୀ ମହାସଂଘର ରାଜ୍ୟ ସଭାପତି ଉଦୟ ମହାନ୍ତି ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାବେଶକୁ ଉଦ୍‌ଘାଟନ ସହିତ ସାମ୍ପ୍ରତିକ ସ୍ଥିତିରେ ହସ୍ତଶିଳ୍ପୀ ଓ ବୁଣାକାରମାନେ ସାମନା କରୁଥିବା ବିଭିନ୍ନ ସମସ୍ୟା ଓ ତାହାର ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। କରୋନା ଭଳି ମହାମାରୀ ସମୟରେ ସମସ୍ତେ ରୋଜଗାର ହରାଇ ବସିଥିବା ବେଳେ ରାଜ୍ୟ ସରକାର ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ସହାୟତା ଯୋଗାଇଦେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିଲେ ବି ସେମାନଙ୍କ ପାଇଁ ଆହୁରି ସୁବିଧା ଉପଲବଧ କରାଇବା ଆବଶ୍ୟକ ବୋଲି ଶ୍ରୀ ମହାନ୍ତି କହିଥିଲେ। ଓଡ଼ିଶା ଶିଳ୍ପୀ ମହାସଂଘ ସଙ୍ଗଠନ ସମ୍ପାଦିକା ସରୋଜିନୀ ଦାସ, ସମ୍ପାଦକ ପ୍ରିୟରଞ୍ଜନ କର ଓ କୋଷାଧ୍ୟକ୍ଷ ଅଶୋକ କୁମାର ସ୍ୱାଇଁ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ମଧ୍ୟରେ ଏକତାର ଆବଶ୍ୟକତା, ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ପ୍ରୋତ୍ସାହନର ଆବଶ୍ୟକତା ଓ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସମସ୍ୟା ସମାଧାନରେ ମହାସଂଘର କାର୍ଯ୍ୟଶୈଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶା ଶିଳ୍ପୀ ମହାସଂଘର ଜିଲ୍ଲା ସଭାନେତ୍ରୀ ବାସନ୍ତୀ ନାୟକ ଏଥିରେ ପୌରହିତ୍ୱ କରିବା ସହିତ ସମାବେଶ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପ୍ରତି ଜିଲ୍ଲାର କୋଣ ଅନୁକୋଣରେ ଶତାଧିକ ହସ୍ତଶିଳ୍ପୀ ଓ ବୁଣାକାର ନିଜସ୍ୱ ଉତ୍ପାଦ ପ୍ରସ୍ତୁତି ମାଧ୍ୟମରେ ରୋଜଗାରକ୍ଷମ ହୋଇପାରିଥିବା ବେଳେ ସେମାନଙ୍କ ଦକ୍ଷତା ବିକାଶ ଓ ଉତ୍ପାଦର ମାର୍କେଟିଂ କୌଶଳ ଉପରେ ସରକାରୀସ୍ତରରେ ପ୍ରଶିକ୍ଷଣ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଜିଲ୍ଲାର ଦିବଂଗତ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହା ସହିତ ପ୍ରତିଭାବାନ ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ଶତାଧିକ ସଦସ୍ୟ ଏହି ସମାଦେଶରେ ଯୋଗଦେଇଥିଲେ।

## କମୁଛି ରିକ୍ସାର ଚାହିଦା; ବୁଡ଼ିଲାଣି ଚାଳକଙ୍କ ରୋଜଗାର



ବାଲେଶ୍ୱର, ୨୧।୪(ସମିସ): ପରିବର୍ତ୍ତନଶୀଳ ସହରୀକରଣ ଭିତରେ ନୂତନ ଟେକ୍ନୋଲୋଜିର ବଜାର ଦଖଲ କରୁଛି। ବ୍ୟାଟେରୀ ଚାଳିତ ଗାଡି ବଜାରକୁ ଆସିବା ଫଳରେ ମଣିଷ ଚାଳିତ ରିକ୍ସାର ଆଦର କ୍ରମେ ହ୍ରାସ ପାଇବାରେ ଲାଗିଛି। ଏ ନେଇ ରୋଜଗାର ବୁଡିବାରେ ଲାଗିଛି ରିକ୍ସା ଚାଳକଙ୍କର। ବଜାରକୁ ରିକ୍ସା ଆସିବା ପୂର୍ବରୁ ଲୋକ ମାନେ ଚାଲି ଚାଲି ଯାତାୟାତ କରୁଥିଲେ। ସମୟ ବଦଳିଲା ପରେ ବଜାରକୁ ଆସିଲା ରିକ୍ସା। ଫଳରେ ରିକ୍ସା ହେଲା ଯାତାୟାତ ର ଏକ ମାଧ୍ୟମ। ପରେ ପରେ ରିକ୍ସା ସମେତ ବିଭିନ୍ନ ପ୍ରକାର ବ୍ୟାଟେରୀ ଗାଡି ବଜାରକୁ ଆସିଲା। ଦ୍ରୁତ ଗତି ରେ ବଦଳୁଥିବା ସମାଜ ରେ ଲୋକମାନଙ୍କର ଚାହିଦା ଓ ରୁଚିରେ ବି ପରିବର୍ତନ ହେଲାଣି। ଏହାରି ଭିତରେ ରିକ୍ସାର ଚାହିଦା କ୍ରମେ କମିବାରେ ଲାଗିଛି। ଏହି ସମସ୍ୟାରୁ ଓହରି ଯାଇନାହାନ୍ତି ବାଲେଶ୍ୱରର ରିକ୍ସା ଚାଳକ ମାନେ। ସେମାନଙ୍କ କହିବା କଥା ହେଉଛି ଅନେକ ରିକ୍ସା ମାଲିକଙ୍କର ରିକ୍ସା ଏବେ ଘରେ ଘରେ ଖରା ବର୍ଷାରେ ପଡ଼ିରହି କଳଙ୍କି ଲାଗି ଅଦରକାରୀ ଅବସ୍ଥା ରେ ପଡ଼ିରହିଛି। ଫଳରେ କେବଳ ରିକ୍ସା ଚାଳକ କିମ୍ବା ରିକ୍ସା ମାଲିକଙ୍କର ରୋଜଗାର ବୁଡିବାରେ ଲାଗିନି ଏହା ସହିତ ପ୍ରଭାବିତ ହେଉଛନ୍ତି ବାଲେଶ୍ୱରର ଅନେକ ରିକ୍ସା ସଜାଡୁଥିବା ଦୋକାନୀ। ଯେଉଁମାଙ୍କର ରୋଜଗାରର ଏକ ମାତ୍ର ପନ୍ଥା ହେଉଛି ଦିନେ ରେ ଗୋଟେ ଅଧେ ରିକ୍ସା ସଜାଡ଼ିବା ସହିତ ଗୋଟେ ଦୁଇଟା ସାଇକେଲ ସଜାଡ଼ିଦେବା। ଯେହେତୁ ବଜାରରେ ରିକ୍ସାର ଚାହିଦା କମୁଛି ଯାହାକି ଜୀବିକା ହରାଇବା ସ୍ଥିତିକୁ ଆସିଗଲାଣି ସେମାନଙ୍କର ବୃତ୍ତି। ଏ ନେଇ ବାଲେଶ୍ୱର ଫାଣ୍ଡି ଛକ ନିକଟରେ ରିକ୍ସା ଲଗାଉଥିବା ଜଣେ ଚାଳକ ପ୍ରଦୀପ ଜେନା କୁହନ୍ତି କି ସେ ତାଙ୍କ ପିଲାଟି ଦିନରୁ ଦୀର୍ଘ ଚାଳିଶି ବର୍ଷ ଧରି ଏଠାରେ ରିକ୍ସା ଚଳାଇ ଆସୁଛନ୍ତି। ଯେଉଁଟା ହେଉଛି ତାଙ୍କ ର ଦୈନିକ ରୋଜଗାର ର ଏକ ମାଧ୍ୟମ। ଯେଉଁଥିରୁ ସେ ଜୀବିକା ନିର୍ବାହ କରୁଛନ୍ତି ଏବଂ ଏହି ବୃତ୍ତି ରୁ ପରିବାର ପ୍ରତିପୋଷଣ କରୁଛନ୍ତି ତାହା ଏବେ କିଛି ବର୍ଷ ଭିତରେ ଲୋପ ପାଇବାକୁ ବସିଲାଣି। ଏହାସହିତ ଅନ୍ୟ ଚାଳକ ମାନେ ମତାମତ ଦେଉଛନ୍ତି କି ପ୍ରଥମରୁ ତାଙ୍କ ର ଏହି ରିକ୍ସା ଚଳାଇବା କାମ ବହୁତ ଭଲ ରେ ଚାଲୁଥିଲା ଏବଂ ଏହିଥିରୁ ଯାହା ରୋଜଗାର ହେଉଥିଲା ପରିବାର ବି ଠିକ ରେ ଚାଲୁଥିଲା କାରଣ ସେତେବେଳେ ଦରଦାମ ବି ବିଶେଷ ଅଧିକ ନ ଥିଲା। କିନ୍ତୁ ଦୀର୍ଘ ଦଶରୁ ପନ୍ଦର ହୋଇଯିବ ଯେବେଠୁଁ ଅଟୋ ଚଳାଚଳ ବଜାରରେ ଦ୍ରୁତ ଗତି ହେବାରେ ଲାଗିଛି ସେହି ସମୟ ରୁ ସେମାନଙ୍କର ରୋଜଗାର ଅଧିକ ପ୍ରଭାବିତ ହେଉଛି। ଆହୁରି ମଧ୍ୟ କହିଛନ୍ତି ଯେବେଠୁଁ ବଜାରକୁ ବେଟେରି ଟଟୋ ଆସିଲାଣି ସେହି ସମୟରୁ ସେମାନଙ୍କ ର ରୋଜଗାର ସମ୍ପୂର୍ଣ ରୂପେ ମାନ୍ଦା ହୋଇଗଲାଣି। ରିକ୍ସା ଚାଳକ ସୂଚନା ଅନୁଯାୟୀ ବାଲେଶ୍ୱରରେ ହାର ହାରି ୨୦୦ ଜଣ ରିକ୍ସା ଚାଳକ ଅଛନ୍ତି ମାତ୍ର ସେଥିରୁ ଅନେକ ଏହି ବୃତ୍ତିକୁ ଛାଡିସାରିଲେଣି। ଷ୍ଟେସନ ଛକ, ଟାଉନ ଥାନ ଛକ, ଗୁଲା ପୋଖରୀ, ଫାଣ୍ଡି ଛକ, ଫକୀରମୋହନ ଗୋଲେଇ, ଆଇଟିଆଇ ଛକ ଭଳି ସ୍ଥାନରେ ଷ୍ଟାଣ୍ଡ ଥିଲେ ବି ଲୋକମାନଙ୍କ ପାଖରେ ଆଉ ରିକ୍ସା ପାଇଁ ଆଦର ନାହିଁ ବୋଲି କହିଛନ୍ତି। ଏହା ସହିତ ଯାତ୍ରୀ ମାନେ ଅଟୋ ରେ କମ ସମୟରେ ଏବଂ ରିକ୍ସାଠାରୁ ଟିକେ କମ ଦାମ ରେ ଯାତାୟାତ କରିପାରୁଛନ୍ତି ବୋଲି ଲୋକମାନେ ରିକ୍ସା ପରିବର୍ତ୍ତେ ଅଟୋରେ ଯିବାକୁ ପସନ୍ଦ କରୁଛନ୍ତି ବୋଲି କହିଛନ୍ତି ରିକ୍ସାଚାଳକ ମାନେ। ରିକ୍ସାଚାଳକ ଜୟରାମ ଦାସ କହିଛନ୍ତି ଆଉ ୨ ବର୍ଷ ଭିତରେ ରିକ୍ସା ଆଉ ଚାଲିବ ବୋଲି ଭରସା ନାହିଁ। ଅଟୋର ବହୁଳ ବ୍ୟବହାର ଯୋଗୁ ର ରିକ୍ସା ଚାହିଦା କମିଗଲାଣି ବୋଲି ରିକ୍ସାବାଲା କହିଛନ୍ତି।

# ଜାମକୁଣ୍ଡା ସର୍ବଧର୍ମ ସମନ୍ୱୟ ସମିତିର ବାର୍ଷିକ ଉତ୍ସବ



ବଲରାମପୁର, ୨୧।୪(ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମକୁଣ୍ଡା ସର୍ବଧର୍ମ ସମନ୍ୱୟ ସମିତିର ୩୦ ତମ ବାର୍ଷିକ ଉତ୍ସବ ରବିବାର ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ଉପ ସଭାପତି ଶ୍ୟାମସୁନ୍ଦର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ପାଲା ଗାୟକ ତଥା ପୂର୍ବତନ ସରପଞ୍ଚ ମହେଶ୍ୱର ଘଡାଇ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ତଥା ସାରସ୍ୱତ ସାଧକ ଦୟାନିଧି ସାହୁ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ, କବି ତଥା ଶିକ୍ଷକ ନଳୀନିକାନ୍ତ ପାଢ଼ୀ, ସମାଜସେବୀ ପ୍ରମଥ ଜେନା, ଯୋଗୀ ବାବା ଅମୁଲ୍ୟ ଦଳାଇ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ସମିତି ସର୍ବଧର୍ମ ସମନ୍ୱୟର ବାର୍ତ୍ତା ନେଇ ଦୀର୍ଘ ବର୍ଷ ଧରି ନିଜର କାର୍ଯ୍ୟ ଧାରାକୁ ପ୍ରତିପାଦନ କରି ଆସୁଛି। ସମିତି ବର୍ତ୍ତମାନ ଓ ଆଗାମୀ ଦିନରେ ଲୋକଙ୍କ ମନରେ ଧାର୍ମିକ ଚିନ୍ତାଧାରାକୁ ଜାଗ୍ରତ ରଖିବାକୁ ସବୁବେଳେ ପ୍ରଚେଷ୍ଟା ରଖୁ ବୁଲି କହିଥିଲେ। ପଞ୍ଚାନନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଗୀତିକାର ରମାନାଥ କରଙ୍କ ସଙ୍ଗୀତରେ ଦର୍ଶକ ବେଶ ବିମୋହିତ ହୋଇଥିଲେ। ସମିତିର ସମ୍ପାଦକ କବି ଭୀମ ଚରଣ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତିବାସ ସାହୁ, ପଞ୍ଚାନନ ନାୟକ, ଦୟାନିଧି ସାହୁ ଓ ନଳିନୀ କାନ୍ତ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ। ଗୌରାଙ୍ଗ ଦାସ, ଗୋପୀନାଥ ପ୍ରଧାନ, ମନୋଜ ପରିଡ଼ା, ମନ୍ମଥ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

### ଜଳେଶ୍ୱର ବିଜେଡିର ବିଶାଳ କର୍ମୀ ସମାବେଶ

# ଯୋଗଦେଲେ ବାଲେଶ୍ୱର ସାଂସଦ ପ୍ରାର୍ଥୀ ଡ. ଲେଖାଶ୍ରୀ ସାମନ୍ତସିଂହାର






ରାଇବଣିଆ, ୨୧।୪(ସମିସ):

ଜଳେଶ୍ୱରରେ ବିଜେଡିର ବିଶାଳ କର୍ମୀ ସମାବେଶ। ଆଜି ଅପରାହ୍ନ ୪ ଘଟିକା ସମୟରେ ଚାଳନ୍ତି ରେଲୱେ ଓଭର୍ ବ୍ରିଜ ପାଖରୁ ଏକ ବିଶାଳ ବାଇକ ରାଲି ବାହାରିବା ସହିତ ଜଳେଶ୍ୱର ବଡ ବଜାର ଛକରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଫୁଲ ମାଳ ଅର୍ପଣ କରାଯାଇଥିଲା। ପରେ ସୋଗ ଗ୍ରାମ ପଞ୍ଚାୟତ ର କାଶିଡିହା ଚନ୍ଦନ ପଡ଼ିଆ ଠାରେ ରାଲି ପହଞ୍ଚି ଥିଲା। ପରେ ସେଠାରେ ଏକ ସାଧାରଣ ଶୋଭାର ଆୟୋଜନ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରିଥିଲେ ମନ୍ତ୍ରୀ ତଥା ଜଳେଶ୍ୱର ବିଜେଡି ବିଧାୟକ ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର। ବାଲେଶ୍ୱର ସାଂସଦ ପ୍ରାର୍ଥୀନୀ ଭାବେ ଡ. ଲେଖାଶ୍ରୀ ସାମନ୍ତ ସିଂହାରଙ୍କ



ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ଏହା ପ୍ରଥମ କର୍ମୀ ସମାବେଶ। ଏହି କର୍ମୀ ସମାବେଶ ପାଞ୍ଚ ହଜାରରୁ ଉର୍ଦ୍ଧ କର୍ମୀ ଯୋଗ ଦେଇଥିଲେ। ଶ୍ରୀମତୀ ସାମନ୍ତ ସିଂହାର ତାଙ୍କ ବ୍ୟକ୍ତବ୍ୟରେ କହିଥିଲେ ଓଡ଼ିଶା ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ସୁରକ୍ଷା ବିଲ୍‌ର ସଠିକ୍ ରୂପାୟନ କରି ୨୧ଟି ଲୋକସଭା ନିର୍ବାଚନ ମଣ୍ଡଳୀରୁ ୭ ଟି ଲୋକସଭା ପ୍ରାର୍ଥୀ ଦେଇ ଉଦାହରଣ ସୃଷ୍ଟି କରିଛନ୍ତି। ବୈଠକରେ ବ୍ଲକ ଅଧ୍ୟକ୍ଷ ମାନସ ଜେନା, ପୌରପାଳିକା ଅଧ୍ୟକ୍ଷ ପ୍ରତିପ କୁମାର୍ ପ୍ରଧାନ, ଦିଲ୍ଲିପ ସାମଲ, ପ୍ରତୀପ କୁମାର୍ ପ୍ରଧାନ, ଅନୁସୟା ପ୍ରଧାନ, ବ୍ରିଜେଶ ରଣା, ସଞ୍ଚିତା ସେନାପତି, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଶୁଗୋ ପଞ୍ଚାୟତର ସରପଞ୍ଚ ଜୟନ୍ତୀ ପରିଡ଼ା, ସଦସ୍ୟା ଅନିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ନବୀନ ପଟ୍ଟନାୟକଙ୍କୁ ପୁଣି ମୁଖ୍ୟମନ୍ତ୍ରୀ କରାଇବା ସହିତ ଜଳେଶ୍ୱରରେ ଅଶ୍ୱିନୀ ପାତ୍ରଙ୍କୁ ବିଧାୟକ ଓ ସାଂସଦ ଭାବେ ଲେଖାଶ୍ରୀଙ୍କୁ ଭୋଟଦେଇ ଜୟଯୁକ୍ତ କରାଇବା ପାଇଁ କର୍ମୀ ମାନଙ୍କୁ କୁହାଯାଇଥିଲା।

# ବିଜୁ ଜନତା ଦଳ ପକ୍ଷରୁ ବିଶାଳ କର୍ମୀ ସମ୍ମିଳନୀ




ରାଇବଣିଆ, ୨୧।୪(ସମିସ): ଜଳେଶ୍ୱର ବ୍ଲକ ବରଡ଼ିହା ପଞ୍ଚାୟତ କଲ୍ୟାଣକୋଟ ଗାଁରେ ରବିବାର ସକାଳ ୧୧ଘଟିକା ସମୟରେ ବିଜୁ ଜନତା ଦଳ ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରଡ଼ିହା ପଞ୍ଚାୟତ ବିଜେଡିର ସଭାପତି ମୁନୀନ୍ଦ୍ର ଧରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପର୍ଯ୍ୟଟନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ରାଜ୍ୟସରକାରଙ୍କ ବିଭିନ୍ନ ଜନ କଲ୍ୟାଣ କାରି ଯୋଜନା ବିଷୟରେ ଆଲୋଚନା କରିବା ସହିତ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ କରିବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ ଜେନା, ସ୍ଥାନୀୟ ସରପଞ୍ଚ ଅଜୟ ମହାନ୍ତି, କଳମା ସରପଞ୍ଚ ସୁବିନିତା ଦତ୍ତ, ୭ନମ୍ବର ଜୋନ ଜିଲ୍ଲାପରିଷଦ ତୁଳସୀ କିସ୍କୁ, ବ୍ଲକ ବିଜେଡି ସଭାପତି ଦିଲ୍ଲିପ ସାମଲ, ସମବାୟବିତ୍ ତପନ ଦାସ, ବ୍ରିଜେଶ ରଣା, ଦିନେଶ କିସ୍କୁ, ଅନନ୍ତ ମହାନ୍ତି, ପଞ୍ଚାୟତ ବିଜୁ ଯୁବ ସଭାପତି ଜଗନ୍ନାଥ ବେରା ଓ ୱାର୍ଡମେମ୍ବର ରାଜୀବ କୁମାର ଗିରି ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରିବା ସହିତ ପୁଣି ଥରେ ବିକାଶ ପଥରେ ସାମିଲ ହେବା ପାଇଁ ସାଧାରଣ ନିର୍ବାଚନରେ ଶଙ୍ଖ ଚିହ୍ନରେ ଦୁଇଥର ମୋହର ମାରି ବିଧାୟକ ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର ଓ ସାଂସଦ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ନିର୍ବାଚିତ କରିବାକୁ ଅନୁରୋଧ କରିଥିଲେ। ଶେଷରେ ସ୍ଥାନୀୟ ସରପଞ୍ଚ ଅଜୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳିଗଲା କୁଟାପୁଞ୍ଜି

ନୀଳଗିରି, ୨୧।୪(ସମିସ): ୪୪୦ ଭୋଲ୍ଟ ବିଦ୍ୟୁତ କେବୁଲ ସଂସ୍ପର୍ଶ ରେ ଆସି ଜଳିଯାଇଛି ୨୦ହଜାର ଟଙ୍କାରୁ ଉର୍ଦ୍ଧ କୁଟା ପୁଞ୍ଜି। ପାଖରେ ଲାଗି ରହିଥିବା ଗ୍ରାମବାସୀଙ୍କ ଘର ନିଆଁ ଲାଗିବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘଟଣା ଟି ଘଟିଛି ନୀଳଗିରି ଉପଖଣ୍ଡ ଅନ୍ତର୍ଗତ ଔପଦା ବ୍ଲକ ଦକ୍ଷୀଣନରସିଂହପୁର ପଞ୍ଚାୟତ ରାଜନଗର ଗ୍ରାମର ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ମଲ୍ଲିକଙ୍କ ବାଡ଼ିରେ ଥିବା କୁଟା ପୁଞ୍ଜିରେ ଅପରାହ୍ନ ୨ଘଟିକା ସମୟରେ ବାଡ଼ି ଉପର ଦେଇ ଯାଇଥିବା ୪୪୦ ଭୋଲଟର ପୁରୁଣା କେବୁଲ ତାର କଟିଙ୍ଗ ଥିବାରୁ ଚଢେଇ ବସିବାରୁ କେବୁଲରେ ନିଆଁ ଲାଗି କୁଟା ପୁଞ୍ଜିରେ ନିଆଁ ଲାଗି ଯାଇଥିଲା। ନୀଳଗିରି ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲବି ସବୁ ଜଳି ପାଉଁଶ ହୋଇ ଯାଇଥିଲା।

## ବାଇକ୍ ଚୋରକୁ ପୁଲିସ ଜିମା



ରାଜଘାଟ, ୨୧।୪ (ସମିସ): ବସ୍ତା ଥାନା ଅଧୀନସ୍ଥ ଅମର୍ଦ୍ଦାରୋଡ ଫାଣ୍ଡି ଅନ୍ତର୍ଗତ ରାଜଘାଟର ଟୋଲଗେଟ ପରିବା ମାର୍କେଟ ନିକଟରୁ ଏକ ବାଇକ ଚୋରି କରୁଥିବା ସମୟରେ ସ୍ଥାନୀୟ ଲୋକେ ଅଭିଯୁକ୍ତକୁ କାବୁ କରି ପୁଲିସରେ ଜିମା ଦେଇଛନ୍ତି। ସୂଚନାରୁ ପ୍ରକାଶ, ରାଜଘାଟ ଅଞ୍ଚଳର ବାବୁଲି ପାତ୍ର ନାମକ ଜଣେ ବ୍ୟକ୍ତି ଟୋଲଗେଟ ବଜାରକୁ କୌଣସି କାମରେ ଆସି ନିଜ ବାଇକଟିକୁ ରଖି ପାଖ ଦୋକାନକୁ ଯାଇଥିବା ସମୟରେ ଜଳେଶ୍ୱର ଅଞ୍ଚଳର ଜଣେ ଯୁବକ ଉକ୍ତ ବାଇକକୁ ନେଇ ଯାଉଥିବା ସମୟରେ ସ୍ଥାନୀୟ ଲୋକଙ୍କ ହାତରେ ଧରାପଡ଼ି ନିର୍ଦ୍ଧୁମ ଛେଚା ଖାଇଥିଲେ। ପରବର୍ତ୍ତୀ ସମୟରେ ସ୍ଥାନୀୟ ଲୋକେ ଅମର୍ଦ୍ଦାରୋଡ ଫାଣ୍ଡିକୁ ଖବର ଦେଇଥିଲେ। ଖବରପାଇ ଫାଣ୍ଡି ଅଧିକାରୀ ସନ୍ଦୀପ କୁଜୁର ଘଟଣାସ୍ଥଳରେ ପହଞ୍ଚି ଚୋରକୁ ନିଜ ହେପାଜତକୁ ନେଇ ଅଧିକ ତଦନ୍ତ ଜାରି ରଖିଛନ୍ତି। କିଛି ଦିନ ତଳେ ରାଜଘାଟ ବାରୁଣି ମେଳାରୁ ବାଇକ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ବାଇକ ଚୋରିରେ ଅଟକ ଯୁବକଙ୍କର ସମ୍ପୃକ୍ତି ଅଛି କି ନାହିଁ ସେନେଇ ପୁଲିସ ତଦନ୍ତ ଜାରି ରଖିଛି।

## ବଣସୀମା ସାଂସ୍କୃତିକ ମହୋତ୍ସବର ଶେଷ ସନ୍ଧ୍ୟାରେ ଝୁମିଲେ ଦର୍ଶକ

ନୀଳଗିରି, ୨୧।୪ (ସମିସ): ନୀଳଗିରି ବ୍ଲକ ବରହମପୁର ମିନି ଷ୍ଟାଡିୟମ ପରିସରରେ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ବଣସୀମା ସାଂସ୍କୃତିକ ମହୋତ୍ସବ ବେଶ ଧୂମଧାମରେ ଅନୁଷ୍ଠିତ ହୋଇଯାଇଛି। ୫ ଦିନ ଧରି ଚାଲିବାକୁ ଥିବା ଏହି ସାଂସ୍କୃତିକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ମୁଖ୍ୟବକ୍ତା ଭାବେ ଗାଳ୍ପିକ ତଥା ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା ପ୍ରଧାନ ଶିକ୍ଷକ ଜ୍ଞାନ ହୋତା କରିଥିବାବେଳେ ଏଥିରେ ସାମ୍ବାଦିକ ଅଶେଷ ସ ଏବଂ ସୁକାନ୍ତ ନାୟକଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। ଏହା ସହିତ ପଞ୍ଚମ ତଥା ଉଦ୍‌ଯାପନୀ ସଂଧ୍ୟାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବାଲେଶ୍ୱର ଲୋକସଭା ପ୍ରାର୍ଥୀ ଶ୍ରୀକାନ୍ତ ଜେନା, ମୁଖ୍ୟବକ୍ତା ଅଧ୍ୟାପକ ପ୍ରଦୀପ୍ତ ମିଶ୍ର, ସମ୍ମାନୀତ ଅତିଥି ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ, ଚିତ୍ତ ରଞ୍ଜନ



କଥାକାର ଶରତ ଚନ୍ଦ୍ର ମହାପାତ୍ର, ସୁନ୍ଦରଗଡ଼ର ଅବସରପ୍ରାପ୍ତ ଶିକ୍ଷାମଣ୍ଡଳାଧୀଶ ପ୍ରଦୀପ କୁମାର ପସା, ସମାଜସେବୀ ଗଙ୍ଗାଧର ମିଶ୍ର, ମହୋତ୍ସବ ସଂଯୋଜକ ଅକ୍ଷୟ ବେହେରା, ବଣସୀମା ମହୋତ୍ସବ କମିଟିର ସଭାପତି ସନ୍ତୋଷ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲା ବେଳ, ମଞ୍ଚ ପରିଚାଳନା ବରିଷ୍ଠ ଶିକ୍ଷକ ରୂପକ ପସା ତୁଲାଇଛନ୍ତି। ଉକ୍ତ ସଂଧ୍ୟାରେ ସାମ୍ବାଦିକ ଦିଲ୍ଲୀପ ସ୍ୱାଇଁ ଏବଂ ପ୍ରଦୀପ କୁମାର ପାତ୍ରକୁ ସମ୍ମାନିତ କରାଯାଇଥିଲା। ତତ୍ ପରେ ଚତୁର୍ଥ ସଂଧ୍ୟାରେ ମୁଖ୍ୟ ଅତିଥି ରୂପେ ମୂଖ୍ୟ ସମ୍ପାଦକ, ସମାଜ ଖବର କାଗଜ କୁଳମଣି ବାରିକ, ମୁଖ୍ୟବକ୍ତା ଆରବନ୍ଧ ସରପଞ୍ଚ କୁଳମଣି ନାୟକ, ସମ୍ମାନିତ ଅତିଥି ରୂପେ ମାଟିଆଳି ଲ୍ୟାମ୍ପର ସଭାପତି ଯଶୋଦା ନାୟକ, ପିଠାହତା ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ବୁଗୁଡାଇ ଉପସ୍ଥିତ ରହି ମହୋତ୍ସବର ଏକତାର ବାର୍ତ୍ତା ଷଡ଼ଙ୍ଗୀ ଉପସ୍ଥିତ ରହି ମତପ୍ରଦାନ କରିଥିଲେ। ଉକ୍ତ ସଂଧ୍ୟାରେ ସାମ୍ବାଦିକ ବ୍ରଜ କିଶୋର ପାଣି ଏବଂ ପ୍ରିୟନାଥ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ରଙ୍ଗ ବେରଙ୍ଗ ଆଲୋକସଜ୍ଜା ସହିତ ବିଭିନ୍ନ ପ୍ରକାରର ବ୍ୟବସାୟୀକ ଦୋକାନ ବଜାର, ଛୋଟ ଛୋଟ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରକାରର ଦୋଳି ଏହି ମହୋତ୍ସବକୁ ଉତ୍ସବ ମୁଖରିତ କରିଛି। ଓଡିଆ କଳାକାର ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଥିଲେ ଦର୍ଶକ। ଉକ୍ତ ମହୋତ୍ସବ ସମ୍ପାଦକ ପ୍ରଫୁଲ କୁମାର ବେହେରା, ଉପ-ସଭାପତି ଭାସ୍କର ବେହେରା, ଉପ-ସମ୍ପାଦକ ପ୍ରଭାତ ବେହେରାଙ୍କ ସମେତ ଅରୁଣ ବେହେରା, ରବୀନ୍ଦ୍ର ବେହେରା, ସଞ୍ଜୀବ ଚୌଧୁରୀ, ବାଦଲ ବାରିକ, ପ୍ରଶାନ୍ତ ଦାସ, ଜୟନ୍ତ ପୁଟୀ, ବିଜୟ ପସା, ସାଜନ ବାରିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳିତ କରିଥିଲେ।

# ମତ୍ସ୍ୟଜୀବୀଙ୍କୁ ମିଳୁନି ମୌଳିକ ସୁବିଧା

ଚନ୍ଦନେଶ୍ୱର, ୨୧।୪(ସମିସ) :



ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକରେ ୭୦% ଲୋକମାନେ ମୁଖ୍ୟତଃ ଧାନ, ପାନ, ମୀନ ଚାଷ ଉପରେ ନିର୍ଭର କରନ୍ତି। ବିଶେଷ ଭାବରେ ଏହି ବ୍ଲକର ଥିବା ସମୁଦ୍ର ଉପକୂଳବର୍ତ୍ତୀ ପଞ୍ଚାୟତ ଉଦୟପୁର, ବାଜିତପୁର, ସାହାବାଜିପୁର, ଗମ୍ଭାରିଆ, ପଦ୍ମପୁର, ସାହାପୁର, ତାଳସାରି, ଚକପଦ୍ମପୁର, ଟୁଙ୍କୁରୀହାଜିରା, ରଣକୋଠା, ବିଚିତ୍ର ପୁର, ରଣସିଂହପୁର, ପଥରେଶ୍ୱର, ମାଟିକେଞ୍ଚା, ନାରାୟଣ ମହାନ୍ତି ପଡ଼ିଆ, ବାଟଗ୍ରାମ ଆଦି ଅଞ୍ଚଳର ୬୦% ଲୋକ ସମୁଦ୍ରରୁ ମାଛ ଧରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ସରକାରଙ୍କ ମତ୍ସ୍ୟ ବିଭାଗର ଏକ କାର୍ଯ୍ୟାଳୟ ରହିଛି ହେଲେ ଅଫିସର ମତ୍ସ୍ୟଜୀବୀଙ୍କୁ ସହଯୋଗ କରୁ ନ ଥିବାରୁ ମତ୍ସ୍ୟଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏସବୁ ଅଞ୍ଚଳକୁ ଲାଗି ମତ୍ସ୍ୟ ବିଭାଗ ପକ୍ଷରୁ ୩ଟି ମାଛଧରା ଅବତରଣ କେନ୍ଦ୍ର ଯଥା ଉଦୟପୁର, ତାଳସାରି, ବିଚିତ୍ରପୁର, କିର୍ତ୍ତନିଆ ପ୍ରମୁଖ ରହିଛି। ମୁଖ୍ୟରାସ୍ତାଠାରୁ ମାଛ ଅବତରଣ କେନ୍ଦ୍ର ପର୍ଯ୍ୟନ୍ତ ଭାରି ଯାନ ଯିବାର ସୁବିଧା ନ ଥିବାରୁ ମତ୍ସ୍ୟଜୀବୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟତଃ କିର୍ତ୍ତନିଆ ଠାରେ ଥିବା ମାଛ ଅବତରଣ କେନ୍ଦ୍ରରୁ ପ୍ରାୟ ୨ ଶହରୁ ଉର୍ଦ୍ଧ, ତାଳସାରି ୩ଶହରୁ ଅଧିକ ନୌକା ଯୋଗେ ପ୍ରତ୍ୟେକ ଦିନ ୩୦ କୁଇଣ୍ଟାଲ ମାଛ ଧରାଯାଇ ବିଭିନ୍ନ ଅଞ୍ଚଳକୁ ବିକ୍ରି ନିମନ୍ତେ ପଠାଯାଏ। ପରିବହନରେ ଅଧିକା ଖର୍ଚ୍ଚାନ୍ତ ହେଉଛନ୍ତି ମତ୍ସ୍ୟଜୀବୀମାନେ। ଫଳରେ ଉଚିତ୍ ମୂଲ୍ୟ ନ ପାଇ କ୍ଷତି ସହିବାକୁ ପଡୁଛି। ଏହି ଅଞ୍ଚଳର ଲୋକ ସମୁଦ୍ରରୁ ମାଛ ଧରି ଜୀବିକା ନିର୍ବାହ କରିଥାନ୍ତି। ତାଳସରୀ ଏକ ମୁଖ୍ୟ ମାଛ ଅବତରଣ କେନ୍ଦ୍ର ହେଲେ ଏଠାରେ ମୌଳିକ ସୁବିଧା ନାହିଁ। ଚନ୍ଦନେଶ୍ୱର ମନ୍ଦିର ଠାରୁ ସମୁଦ୍ର ବେଳାଭୂମି ପ୍ରାୟ ୩ କି.ମି. ରାସ୍ତାକୁ ପର୍ଯ୍ୟଟକ ମାନଙ୍କର ଗାଡି ଯିବାଆସିବା ସମୟରେ ଭିଡ ଲାଗିଥାଏ। ବେଳାଭୂମିରେ ପାନୀୟଜଳ ବ୍ୟବସ୍ଥା, ଶୀତଳଭଣ୍ଡାର, ବରଫ କଳ, ମାଛ ଅବତରଣ ଗୃହ ନିର୍ମାଣ, ପ୍ରାକୃତିକ ବିପର୍ଯ୍ୟୟ ପାଇଁ ସତର୍କ ଘଣ୍ଟି ବ୍ୟବସ୍ଥା, ଦିଗ ନିର୍ଦ୍ଧାରଣ ଯନ୍ତ୍ର, ମାଛ ବିକ୍ରି ପାଇଁ ମଣ୍ଡି ବ୍ୟବସ୍ଥା, ମତ୍ସ୍ୟଜୀବୀଙ୍କ ପାଇଁ ବିଶ୍ରାମଗାର, ମତ୍ସ୍ୟଜୀବୀଙ୍କୁ ପ୍ରଶିକ୍ଷଣ, ଭତ୍ତା ଓ ବୀମାଭୁକ୍ତ, ସ୍ୱାସ୍ଥ୍ୟକେନ୍ଦ୍ର ଭଳି ପ୍ରମୁଖ ମୌଳିକ ସୁବିଧା ନାହିଁ। ଏ ଦିଗରେ ଦୃଷ୍ଟି ଦିଆ ନ ଯିବା ଫଳରେ ମତ୍ସ୍ୟଜୀବୀ ମାନେ ହତାଶ ହୋଇଛନ୍ତି ବୋଲି ତାଳସାରି ମେରାଇନ ସମବାୟ ସଭାପତି ସୁରେନ୍ଦ୍ର ଗଙ୍ଗାଇ, ସମ୍ପାଦକ ପୁଣ୍ଡରୀକାକ୍ଷ ଲାୟା, ବାଦଲ ଗଙ୍ଗାଇ ପ୍ରମୁଖ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ଗ୍ରୀଷ୍ମ ପ୍ରବାହରେ ସଚେତନ କରାଇଲେ ସ୍ୱେଚ୍ଛାସେବୀ



ରାଇବଣିଆ, ୨୧।୪ (ସମିସ): ବଢ଼ି ଚାଲିଛି ଗ୍ରୀଷ୍ମ ପ୍ରବାହ। ଏଥିପାଇଁ ସରକାର ବିଦ୍ୟାଳୟ ଛୁଟି ଘୋଷଣା ସହିତ ଦିନ ମଜୁରିଆଙ୍କୁ ମଧ୍ୟ ସକାଳ ୧୧ ଘଟିକା ପର୍ଯ୍ୟନ୍ତ କାମ କରିବାକୁ ପରାମର୍ଶ ଦେଇଛନ୍ତି। କିନ୍ତୁ ଜରୁରୀ କାଳୀନ କାର୍ଯ୍ୟରେ ଅନେକ ଲୋକ ଯାତାୟତ କରନ୍ତି ଏହାକୁ ପରିଲକ୍ଷିତ କରି ଜଳେଶ୍ୱର ଅଗ୍ରଣୀ ସାମାଜିକ ସଂଗଠନ ମେ ଆଇ ହେଲ୍ପ ୟୁ ମୋ ପରିବାର ତରଫରୁ ଜଳେଶ୍ୱର ନୂଆ ବଜାର ବାଇପାସ ଠାରେ ଯାତାୟାତ ଲୋକଙ୍କ ପାଇଁ ଦହି ସର୍ବତ, ଥଣ୍ଡାପାଣି, କାକୁଡି ଏବଂ ତରଭୁଜ ବ୍ୟବସ୍ଥା କରିଥିଲେ। ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ପ୍ରାୟ ଦୁଇ ହଜାର ଲୋକଙ୍କ ପାଇଁ ଏହି ବ୍ୟବସ୍ଥା ପ୍ରଦାନ କରିଥିଲେ। ସଂଗଠନର ସଦସ୍ୟମାନେ ଯିବା ଆସିବା ଲୋକଙ୍କୁ ଅଂଶୁଘାତରୁ କିପରି ରକ୍ଷା ପାଇବେ ସେହି ବିଷୟରେ ସଚେତନତା କରାଇବା ସହିତ ଲୋକଙ୍କୁ ଆବଶ୍ୟକ ନ ପଡ଼ିଲେ ଘରୁ ବାହାରକୁ ନ ଯିବାକୁ ସଚେତନ କରି ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ମେ ଆଇ ହେଲ୍ପ ୟୁ ମୋ ପରିବାରର ସଭାପତି ନରହରି ବେହେରା, ଜଗନ୍ନାଥ ପରିଡ଼ା, ମନୋରଞ୍ଜନ ଦାସ, ଶିବ ସୁନ୍ଦର ଜେନା, ଚିନ୍ମୟ ବେହେରା, ଶୁଭଜିତ ଜେନା, ରାଜ କିଶୋର ହୁଇ, ଅମିତ ନାୟକ, ସୁମିତ ମହାନ୍ତି, ସୁଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ସେବା ପ୍ରଦାନ କରିଥିଲେ।

# ପଶ୍ଚିମବଙ୍ଗ କରତକଳକୁ ଯାଉଛି ଓଡ଼ିଶାର କାଠ

ଭୋଗରାଇ, ୨୧।୪ (ସମିସ) :

ଓଡ଼ିଶାରେ ବନ୍ଦ ହେବା ପରେ କରତକଳ ସବୁ ସୀମାନ୍ତ ପଶ୍ଚିମବଙ୍ଗକୁ ଚାଲିଯାଇଛି। ଫଳରେ ଓଡ଼ିଶାର କାଠ ପଶ୍ଚିମବଙ୍ଗ କରତକଳକୁ ଯାଉଛି। ଘରୋଇ ବ୍ୟବହାର ପାଇଁ ପଶ୍ଚିମବଙ୍ଗ କରତକଳକୁ କାଠ ନେଇଯାଉଥିବା ଲୋକେ ରାସ୍ତାରୁ ବନ ବିଭାଗ କର୍ମଚାରୀ ଓ ନିଜକୁ ସାମ୍ବାଦିକ ପରିଚୟ ଦେଉଥିବା କିଛି ନକଲି ସାମ୍ବାଦିକଙ୍କ ଦ୍ୱାରା ଲୁଟର ଶିକାର ହେଉଛନ୍ତି। ଅନ୍ୟପକ୍ଷରେ ବନ ବିଭାଗ କର୍ମଚାରୀ ଓ ନକଲି ସାମ୍ବାଦିକଙ୍କ ସହ ମଧୁଚନ୍ଦ୍ରିକାରେ ରହି କାଠମାଫିଆ ମାନେ ବିଳମ୍ବିତ ରାତିରେ ଓଡ଼ିଶାର ବହୁ ମୂଲ୍ୟବାନ କାଠକୁ ପଶ୍ଚିମବଙ୍ଗ ଚାଲାଣ କରୁଛନ୍ତି। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ବାଲେଶ୍ୱର ସହର ଉପକଣ୍ଠରେ ହାତଗଣତି କେତେକ କରତ କଳ ଚଳାଇବାକୁ ସରକାର ଲାଇସେନ୍ସ ପ୍ରଦାନ କରିଥିବା ବେଳେ ଜିଲ୍ଲାର ୧୨ଟି ବ୍ଲକରେ ଲୋକଙ୍କ ଆବଶ୍ୟକ ଅନୁଯାୟୀ କରତ କଳ ନାହିଁ। ପୂର୍ବରୁ ବିନା ଲାଇସେନ୍ସରେ ଚାଲିଆସୁଥିବା ଶତାଧିକ କରତ କଳ ଗୁଡିକୁ ଗତ କୋଭିଡ ମହାମାରୀ ପୂର୍ବରୁ ୨୦୧୯ ମସିହାରେ ବନବିଭାଗ ବନ୍ଦ କରି ଦେଇଛି। ଯିଏ ବି ଲୁଚାଛପାରେ ଚଳାଉଥିଲା ସେଗୁଡିକ ଉପରେ ବନ ବିଭାଗ ଚଢ଼ଉ କରି ଲକ୍ଷ ଲକ୍ଷ ଟଙ୍କାର ମୂଲ୍ୟବାନ ଯନ୍ତ୍ରପାତି ଖୋଲି ନେବା ସହିତ କରତକଳ ଗୁଡ଼ିକୁ ସବୁଦିନ ପାଇଁ ବନ୍ଦ କରିଦେଇଛି। ଫଳରେ ଓଡ଼ିଶାର ସୀମାନ୍ତ ବ୍ଲକ ମାନଙ୍କରେ ଥିବା କରତକଳ ମାଲିକମାନେ ଏଗୁଡ଼ିକୁ ଓଡ଼ିଶା ସୀମାନ୍ତକୁ ଲାଗି ପଶ୍ଚିମବଙ୍ଗ ଜମିକୁ ସ୍ଥାନାନ୍ତର କରିନେଇଛନ୍ତି। ଏଭଳି ସ୍ଥିତିରେ



ଭୋଗରାଇ ବ୍ଲକରେ ବହୁ ବର୍ଷ ଧରି ଚାଲିଆସିଥିବା ଛୋଟ ବଡ଼ ୧୪ଟି କରତକଳ ସବୁଦିନ ପାଇଁ ବନ୍ଦ ହୋଇଯାଇଛି। ଫଳରେ ସରକାରୀ ଓ ବେସରକାରୀ ଗୃହ ନିର୍ମାଣ ପାଇଁ ସେଣ୍ଟ୍ରିଂ କାଠ, ଗୃହ ସଜ୍ଜା, କବାଟ, ଝରକା, ଝିଅ ବାହାଘର ପାଇଁ ସୌଖିନ ସାମଗ୍ରୀ ନିର୍ମାଣ, ଆସବାବପତ୍ର ନିର୍ମାଣ ଏବଂ ଜାଳେଣି କାଠ ବହୁଳ ଭାବେ ଆବଶ୍ୟକ ଥିଲା ବେଳେ ଏସମସ୍ତ ସୁବିଧା ନ ପାଇ ସ୍ଥାନୀୟ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କରତକଳ ବନ୍ଦ ଯୋଗୁଁ କେତେକ କରତକଳ ମାଲିକ ଓ ସେଥିରେ କାର୍ଯ୍ୟରତ କର୍ମଚାରୀମାନେ କର୍ମସଂସ୍ଥାନ ନପାଇ ପରିବାର ପ୍ରତିପୋଷଣ ଲାଗି ଭିନ୍ନ ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି। ଅନ୍ୟପକ୍ଷରେ ଭୋଗରାଇ ବ୍ଲକ ଅଞ୍ଚଳର ସୀମାନ୍ତକୁ ଲାଗିଥିବା ପଶ୍ଚିମବଙ୍ଗ ରାଜ୍ୟର ଦୀଘା, ରାମନଗର, ଏଗ୍ରା, ମୋହନପୁର ଓ ଦାନ୍ତୁନ ଆଦି ଥାନା ଅଞ୍ଚଳରେ ଓଡ଼ିଶା ଭୂମି ସଂଲଗ୍ନ ପଶ୍ଚିମବଙ୍ଗ ଜମିରେ ଓଡ଼ିଆ ମାନେ କରତକଳ ସବୁ ଖୋଲିଛନ୍ତି। ଫଳରେ ଓଡ଼ିଶା ଲୋକେ ପଶ୍ଚିମବଙ୍ଗ କରତକଳ ଉପରେ ନିର୍ଭର କରୁଛନ୍ତି। ଭୋଗରାଇ ଓ ବାଲିଆପାଳ ବ୍ଲକ ଅଞ୍ଚଳର କାଠ ପଶ୍ଚିମବଙ୍ଗର କରତକଳରେ ଚିରା ହୋଇ ଆସୁଛି। ବିଶେଷ କରି ଭୋଗରାଇ ବ୍ଲକର ୩୨ଟି ଆନ୍ତଃରାଜ୍ୟ

## ବନ କର୍ମଚାରୀ ଓ ନକଲି ସାମ୍ବାଦିକଙ୍କ ସଲାସୁତ୍ରରାରେ ହେଉଛି ଚାଲାଣ

ପ୍ରଧାନମନ୍ତ୍ରୀ ସଡ଼କ ଏହି କାଠ ପରିବହନର ମାଧ୍ୟମ ସାଜିଛି। ଏଥିପାଇଁ ବହୁ ସଂଖ୍ୟାର ଇଞ୍ଜିନ ରିକ୍ସା ଓ ଟ୍ରାକ୍ଟର ମଧ୍ୟ ବ୍ୟବହାର ହେଉଛି। ନିଜର ଘରୋଇ ଆବଶ୍ୟକତା ପୂରଣ ପାଇଁ ଲୋକେ ଦିନବେଳା ପଶ୍ଚିମବଙ୍ଗ କରତକଳକୁ କାଠ ନେଇ ଯାଉଥିଲା ବେଳେ ରାସ୍ତା ଯାକ ବନ ବିଭାଗ କର୍ମଚାରୀ ଏବଂ ନିଜକୁ ସାମ୍ବାଦିକ ବୋଲି ପରିଚୟ ଦେଉଥିବା କିଛି ନକଲି ସାମ୍ବାଦିକଙ୍କୁ ମୋଟା ଅଙ୍କର ଅର୍ଥ ଚାନ୍ଦା ଦେଇ ଖର୍ଚ୍ଚାନ୍ତ ଓ ନୟାନ୍ତ ହେଉଛନ୍ତି। ଅନ୍ୟପକ୍ଷରେ କାଠ ମାଫିଆ ମାନେ ବନ ବିଭାଗ କର୍ମଚାରୀଙ୍କ ଜ୍ଞାତସାରରେ ଏବଂ ଏହି ନକଲି ସାମ୍ବାଦିକଙ୍କ ସୁରକ୍ଷାରେ ପ୍ରତିଦିନ ବିଳମ୍ବିତ ରାତିରେ ବହୁଳ ପରିମାଣର କାଠ ପଶ୍ଚିମବଙ୍ଗକୁ ଚୋରାଚାଲାଣ କରୁଛନ୍ତି। ପଶ୍ଚିମବଙ୍ଗକୁ ସଂଯୋଗ କରୁଥିବା ଆନ୍ତଃ ରାଜ୍ୟ ସଡକ ପଥ ଭାବେ ବାଲିଆପାଳ-ନାଚିନ୍ଦା-କମର୍ଦ୍ଦା-ଖଏର୍ଦ୍ଦା ରାସ୍ତା, ନହରା-ବାଲିମ, କୁସୁଡା-ପୁଟିଣା-ବାରମାଇଲ-ମୋହନପୁର ରାସ୍ତା, ମହାଗବ-ପ୍ରିୟବାଗ-ବାଖାରପୁର ରାସ୍ତା, ମହାଗବ- ମୋହନପୁର ରାସ୍ତା, ବାଟଗ୍ରାମ-ମିରଗୋଦା ଗଞ୍ଜ ବନ୍ୟା ପ୍ରତିରୋଧକ ଭୁଆବନ୍ଧ ରାସ୍ତା, ଥାନାଛକ -ଦେଉଳା ହାଟ -ମାନକୁଣ୍ଡା ବୋର୍ଡର ରାସ୍ତା, ଦେଉଳା ହାଟ-ଗଣେଶ୍ୱରପୁର ବୋର୍ଡର ରାସ୍ତା, ଚୌକି-ରାୟପୁର- ସୋହରିଆ - କିଆକୋଇଲି ରାସ୍ତା, ନଗୁଆଁ- କଖଡା ରାସ୍ତା ଓ ଚନ୍ଦନେଶ୍ୱର ବୋର୍ଡର ରାସ୍ତାରେ ସାଧାରଣ ଲୋକେ କାଠ ବୋଝେଇ କରି ନେଉଥିବା ଇଞ୍ଜିନ ରିକ୍ସା ଓ ଟ୍ରାକ୍ଟରକୁ ଏମାନେ ଅଟକାଇ ଏବଂ ଧମକ ଚମକ ଦେଇ ଓ ଜୁଲୁମ କରି ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା ବାରମ୍ବାର ଅଭିଯୋଗ ହେଉଛି। ପ୍ରତିଦିନ କାଠ ମାଫିଆ ମାନଙ୍କ ଠାରୁ ବନବିଭାଗ କର୍ମଚାରୀ ଓ ନକଲି ସାମ୍ବାଦିକ ମାନେ ମୋଟା ଅଙ୍କର ଅର୍ଥ ଆଦାୟ କରି ମାଲେମାଲ ହେଉଥିବା ସଙ୍ଗୀନ ଅଭିଯୋଗ ହୋଇଆସୁଛି। କାଠ ଚୋରାଚାଲାଣ ଉପରେ ରୋକ ଲଗାଇବା ସହିତ ଅସାଧୁ ବନ ବିଭାଗ କର୍ମଚାରୀ ଓ ନକଲି ସାମ୍ବାଦିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କଠାରେ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଛି। ମାତ୍ର ବନ ବିଭାଗ ଉଚ୍ଚ ଅଧିକାରୀମାନେ ନିଦାବିଷ୍ଟ ସାଜିଛନ୍ତି। ଅନ୍ୟପକ୍ଷରେ ଆକାଶିଆ ଭଳି କେତେକ କାଠକୁ ବାଦ ଦେଲେ ଚୋରା କାଠ ଗାଡି ପଶ୍ଚିମବଙ୍ଗକୁ ଯିବା ସମ୍ପର୍କରେ ଜଣାପଡ଼ିଲେ ଏବଂ ଏହାକୁ ପ୍ରୋତ୍ସାହନ ଦେଉଥିବା କିମ୍ବା ଗାଡିକୁ ଅଟକାଇ ଚାନ୍ଦା ମାଗୁଥିବା ଯେ କୌଣସି ବ୍ୟକ୍ତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବାଲେଶ୍ୱର ଡ଼ିଏଫଓ ଖୁଶୱନ୍ତ ସିଂ ପ୍ରକାଶ କରିଛନ୍ତି।

# ପୂର୍ବତନ ମନ୍ତ୍ରୀ ଡାକ୍ତର କମଳା ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା




ଚନ୍ଦନେଶ୍ୱର, ୨୧।୪(ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଶଙ୍ଖାରୀଠାରେ ଭୋଗରାଇର ପୂର୍ବତନ ବିଧାୟକ ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ କମଳା ଦାସଙ୍କର ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାକୁ ଭୋଗରାଇର ପୂର୍ବତନ ବିଧାୟକ ସୁଶାନ୍ତ କୁମାର ଚାନ୍ଦ ପରିଚାଳନା କରିଥିବାବେଳେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କାଳିପଦ ଚନ୍ଦ୍ର, ଜିଲ୍ଲା ବିଜୁ ଜନତା ଦଳର ଉପସଭାପତି ତପନ କୁମାର ପଣ୍ଡା, ଭୋଗରାଇ ବିଜେଡି ସଭାପତି ରମାକାନ୍ତ କରଣ, ଶିକ୍ଷାବିତ ବିପଦ ଭଞ୍ଜନ ମିଶ୍ର, ଶମ୍ଭୁନାଥ ଜେନା, ଶ୍ରୀପତି ସାଁ, ଡ. ସନ୍ତୋଷ କୁମାର ପାତ୍ର, ଗୋପବନ୍ଧୁ ମହାପାତ୍ର, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଗଣପତି ଗିରି, ପୂର୍ବତନ ସରପଞ୍ଚ ନଗେନ୍ଦ୍ର ଜେନା, ବେଳାଭୂମି ସାହିତ୍ୟ ପରିଷଦର ଶୁଶାନ୍ତ ନାୟକ, ସମାଜସେବୀ ସୁବାସ ଚାନ୍ଦ, ଜାମସେଦ ଅଲ୍ଲୀ ଖାଁ, ସୁଦର୍ଶନ ଜେନା, ଅରୁଣ ଜେନା, ଜିଲ୍ଲା ପରିଷଦ ନିବେଦିତା ମହାନ୍ତି, ଇଞ୍ଜିନିୟର ବିଦ୍ୟୁତେନ୍ଦୁ ପାତ୍ର, ଦ୍ୱିବେନ୍ଦୁ ପାଣିଗ୍ରାହୀ, ଭୋଳାନାଥ ବେହେରା, ଚନ୍ଦନେଶ୍ୱର ଶୈବପୀଠର ଉପମୈରସୀ ବୁଦ୍ଧଦେବ ପଣ୍ଡା, ସାମ୍ବାଦିକ ପ୍ରଦୀପ ଦାସ ପ୍ରମୁଖ ଯୋଗ ଦେଇ ଡା. କମଳା ଦାସଙ୍କ ସ୍ମୃତିଚାରଣ କରିଥିଲେ। ୧୧ତାରିଖ ଗୁରୁବାର କଟକର ଏକ ଘରୋଇ ହସ୍ପିଟାଲରେ ଫୁସଫୁସ୍ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। କମଳା ଦାସ ଥିଲେ ଜଣେ ଡାକ୍ତର, ପ୍ରଫେସର, ରାଜନୀତିଜ୍ଞ। ଓଡ଼ିଶା ରାଜନୀତିରେ କମଳା ଦାସ ଓଡ଼ିଶା ବିଧାନ ସଭାରେ ୩ଥର ବିଧାୟିକା ଭାବରେ ଏବଂ ମନ୍ତ୍ରୀ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ସେ ୧୦ମ ଓଡ଼ିଶା ବିଧାନ ସଭାରେ ବିଜୁ ପଟ୍ଟନାୟକଙ୍କର ମନ୍ତ୍ରୀମଣ୍ଡଳରେ ୧୯୯୦ରୁ ୧୯୯୫ ଯାଏଁ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ପୁଣିଥରେ ୧୨ଶ ଓଡ଼ିଶା ବିଧାନ ସଭାରେ ନବୀନ ପଟ୍ଟନାୟକଙ୍କର ମନ୍ତ୍ରୀମଣ୍ଡଳରେ ଜଣେ ମନ୍ତ୍ରୀ ଭାବରେ ୨୦୦୦ ମସିହାରୁ ୨୦୦୧ ମସିହାଯାଏଁ କାର୍ଯ୍ୟ କରିଥିଲେ। ଏକମାତ୍ର ପୁଅ ଓ ସ୍ୱାମୀ ଡ. କାଳି କୁମାର ଦାସଙ୍କୁ ହରାଇ ସେ ଭାଙ୍ଗିପଡ଼ିଥିଲେ। ଶଙ୍ଖାରୀ ଠାରେ ଏକ ରାଧାକୃଷ୍ଣଙ୍କ ମନ୍ଦିର ନିର୍ମାଣ କରି ଇସ୍କନକୁ ହସ୍ତାନ୍ତର କରିବା ସହିତ ସେ ଭୁବନେଶ୍ୱରର ସହିଦନଗରସ୍ଥିତ ବାସଭବନରେ ରହୁଥିଲେ। ତାଙ୍କର ଆତ୍ମାର ସତଗତି ନିମନ୍ତେ ସମସ୍ତେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରିଥିଲେ। ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ଝିଅ ଲିଜା ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚଳନ୍ତା ଟ୍ରେନରୁ ଡେଇଁ ଯୁବକ ଗୁରୁତର

ରାଜଘାଟ, ୨୧।୪ (ସମିସ): ଦକ୍ଷିଣପୂର୍ବ ରେଳପଥର ଜଳେଶ୍ୱର-ଅମର୍ଦ୍ଦାରୋଡ ରେଳ ଷ୍ଟେସନ ମଧ୍ୟବର୍ତ୍ତୀ ରାଜଘାଟ ରେଳଷ୍ଟେସନରେ ମେମୁ ଟ୍ରେନରୁ ଡେଇଁ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଯୁବକ ଜଣକ ହେଲେ ବସ୍ତା ଥାନା ଅନ୍ତର୍ଗତ ବଣିଆମାରି ଗ୍ରାମର ଗୌତମ ମହାନ୍ତି(୨୭)। ସୂଚନା ଅନୁସାରେ ଆଜି ସକାଳ ସମୟରେ ଗୌତମ ନିଜର ଟଟୋରେ ଗ୍ରାମର କିଛି ଲୋକଙ୍କୁ ବସାଇ ରାଜଘାଟ ଷ୍ଟେସନକୁ ଛାଡ଼ିବାକୁ ଆଣିଥିଲେ। ଷ୍ଟେସନରେ ଖଡ଼ଗପୁର-ଭଦ୍ରକ ମେମୁ ଟ୍ରେନରେ ଲୋକମାନଙ୍କୁ ଉଠାଇବା ସହିତ ସେମାନଙ୍କର ଜିନିଷପତ୍ରକୁ ଧରି ନିଜେ ଟ୍ରେନ୍ ଭିତରକୁ ଚଢିଯାଇଥିବା ସମୟରେ ଟ୍ରେନଟି ଛାଡି ଦେଇଥିଲା। ଉପାୟ ନ ପାଇ ଗୌତମ ଚଳନ୍ତା ଟ୍ରେନରୁ ପ୍ଲାଟଫର୍ମକୁ ଡିଆଁ ମାରିଥିଲେ। ତେବେ ପ୍ଲାଟଫର୍ମରେ ଥିବା ଲୋକଙ୍କ ପାଇଁ ଅଳ୍ପକେ ଟ୍ରେନର ଚକା ତଳକୁ ଯିବାରୁ ଗୌତମ ଅଳ୍ପକେ ବର୍ତ୍ତି ଯାଇଥିଲେ ସୁଦ୍ଧା ସେ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଟଟୋ ଯୋଗେ ବସ୍ତା ମେଡିକାଲକୁ ନିଆଯାଇଥିଲା।

# ମହାରାଷ୍ଟ୍ରରେ ଆଦିବାସୀ ଯୁବକଙ୍କ ମୃତ୍ୟୁ

**● ଘରକୁ ଫେରିଲା ମରଶରୀର**

ଜଳେଶ୍ୱର ବ୍ଲକ, ୨୧।୪ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମହମ୍ମଦନଗର ପାଟଣା ଗ୍ରାମ ପଞ୍ଚାୟତ କୁବାଡିଆ ଗ୍ରାମର ହରିଆ ମୁର୍ମୁ ମହାରାଷ୍ଟ୍ର ଜିଲ୍ଲାର ଥାନେଠାରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଥିଲେ। ହରିଆ ଏବଂ ତାଙ୍କ ସାଙ୍ଗ ବମ୍ବେ ମେଲ ଟ୍ରେନରେ ଘରକୁ ଫେରୁଥିବା ସମୟରେ ଅମରାବତୀଠାରେ ଟ୍ରେନ ଭିତରେ ହରିଆ ମୁର୍ମୁଙ୍କ ମୃତ୍ୟୁ ଘଟିଥିବା ତାଙ୍କ ସାଙ୍ଗ ଜାଣିବାକୁ ପାଇଥିଲେ। ତାଙ୍କୁ ସ୍ଥାନୀୟ ରେଳ ଷ୍ଟେସନରେ ରେଳ କର୍ମଚାରୀମାନେ ଟ୍ରେନରୁ ଓହ୍ଲାଇ ଦେଇଥିଲେ। ଅତ୍ୟନ୍ତ ଗରିବ ପରିବାର ହୋଇ ଥିବାରୁ ପରିବାର ପକ୍ଷରୁ ମହାରାଷ୍ଟ୍ରରୁ ମୃତ ଶରୀର ଆଣିବା ପାଇଁ ଅର୍ଥ ବାଧକ ସାଜି ଥିଲା। ଖବର ପାଇ ସ୍ଥାନୀୟ ନାଏବ ସରପଞ୍ଚଙ୍କ ପ୍ରତିନିଧି ଅକ୍ଷୟ ସେନାପତି ଜଳେଶ୍ୱର ଭାରତୀୟ ଜନତା ପାର୍ଟିର ବିଧାୟକ ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନଙ୍କୁ ଜଣାଇ ଥିଲେ। ସେ ତୁରନ୍ତ ସହଯୋଗର ହାତ ବଢ଼େଇ ଥିଲେ। ଫଳରେ ମୃତ ଶରୀର ରବିବାର ଅପରାହ୍ନ ଦିନ ୩ ଟାରେ ଗାଁରେ ପହଞ୍ଚି ଥିଲା। ଗ୍ରାମବାସୀଙ୍କ ଉପସ୍ଥିତିରେ ଗ୍ରାମ ଶ୍ମଶାନରେ ଶବଦାହ ହୋଇଥିଲା। ମୃତ ବ୍ୟକ୍ତିଙ୍କ ସ୍ତ୍ରୀ ଏବଂ ଦୁଇଜଣ ଛୋଟ ଛୋଟ ଝିଅ ଅଛନ୍ତି। ସେମାନେ ବର୍ତ୍ତମାନ ସମ୍ପୂର୍ଣ୍ଣ ଅସହାୟ। ତେଣୁ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର ଲୋକେ ଓ ଗ୍ରାମବାସୀ ଦାବି କରିଛନ୍ତି।

# ପାଣିଟାଙ୍କି ପାଚେରି ନିର୍ମାଣରେ ଅନିୟମିତତା ଅଭିଯୋଗ

**● ଭିଜିଲାନ୍ସ ତଦନ୍ତ ଦାବି**

ଖଇରା, ୨୧।୪ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବର୍ତ୍ତନା ବଜାର ସଂଲଗ୍ନ ବର୍ତ୍ତନା-ହରିପୁର ରାସ୍ତା କଡରେ ଚାଲିଥିବା ପାଣି ଟାଙ୍କି ପାଚେରୀ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ନିମ୍ନମାନର କଞ୍ଚାମାଲ ବ୍ୟବହାର କରି ୧୬ଲକ୍ଷ ଚଳୁ କରିନେଇଥିବା ଅଭିଯୋଗ ହୋଇଛି। ପାହାଡ ପାଦଦେଶରେ ଥିବା ୬ ପଞ୍ଚାୟତର ପାନୀୟଜଳ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ଲାଗି ପାଖାପାଖି ୧୦୦କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଅର୍ଥ ମଧ୍ୟରେ ପାଇପ



ବିଛା, ପାଣିଟାଙ୍କି, ସୁରକ୍ଷା ପାଚେରୀ ନିର୍ମାଣ ଲାଗି ସ୍ୱତନ୍ତ୍ର ଭାବେ ଅର୍ଥ ବ୍ୟବସ୍ଥା କରାଯାଇଥିଲା। ଏହି ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ଥିବା କମ୍ପାନୀ ନିଜେ ସମସ୍ତ କାର୍ଯ୍ୟ ନ କରି ପେଟି ଠିକାଦାରଙ୍କୁ କାର୍ଯ୍ୟ ବଣ୍ଟନ କରିଥିଲେ। ଏଥିରେ ଉକ୍ତ ପେଟି ଠିକାଦାର ମାନେ ନିମ୍ନମାନର ଚିପ୍ସ, ରଡ, ଇଟା, ବାଲି, ପାଇପ ବ୍ୟବହାର କରିବା ଏବଂ ନିର୍ମାଣ ପରେ ପାଣି ଠିକ ଭାବେ ନ ଦେଇ ଅର୍ଥ ବାଟମାରଣା କରୁଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଯନ୍ତ୍ରୀ ଅଜୟ ବେହେରାଙ୍କୁ ଯୋଗାଯୋଗ କରିବାରେ ସେ କାମ ଠିକଠାକ କରିବାକୁ ଠିକାଦାରଙ୍କୁ ବାରମ୍ବାର କହୁଥିବା କହିଛନ୍ତି।

# ଅସ୍ତଡିହାରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଜଳେଶ୍ୱର ବ୍ଲକ, ୨୧।୪ (ସମିସ) : ଜଳେଶ୍ୱର ବ୍ଲକ ଚମାରଗାଁ ପଞ୍ଚାୟତର ଅସ୍ତଡିହା ଗ୍ରାମରେ ନୂତନ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଦୀର୍ଘ ଦିନ ଧରି ଉକ୍ତ ଗ୍ରାମରେ ମନ୍ଦିର ଟିଏ ନ ଥିବାରୁ ଗ୍ରାମବାସୀ ପୂଜାର୍ଚ୍ଚନା ପାଇଁ ପାଖାପାଖି ଦୁଇ କିଲୋମିଟରର ରାସ୍ତା ଅତିକ୍ରମ କରି ଅନ୍ୟ ଗ୍ରାମକୁ ଯାଇ ପୂଜାର୍ଚ୍ଚନା କରି ଆସୁଥିଲେ। ଗ୍ରାମର କିଛି ଲୋକଙ୍କ ନିଷ୍ପତ୍ତି ତଥା ଉଦ୍ୟମ କ୍ରମେ ଗ୍ରାମବାସୀଙ୍କ ସହଯୋଗରେ ଏକ ନୂତନ ମନ୍ଦିର ପ୍ରତିଷ୍ଠା କରାଯାଇଛି। ବିନା ସରକାରୀ ସହାୟତାରେ ଗ୍ରାମବାସୀ ମାନଙ୍କ ଅବଦାନ ଏବଂ ଦୃଢ ଇଚ୍ଛାଶକ୍ତି ବଳରେ ବିଶାଳ ମନ୍ଦିର ନିର୍ମାଣ ହୋଇ ପାରିଥିବା କହିଛନ୍ତି କମିଟି ସଭାପତି। ଆଜି ସକାଳ ସମୟରେ ଗ୍ରାମ ର ୨୦୦ରୁ ଅଧିକ ମହିଳା ମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରାରେ ସୁବର୍ଣ୍ଣରେଖା ନଦୀରୁ ପାଣି ଆଣି ମନ୍ଦିର ପଦିଷ୍ଠା କରାଯାଇଥିଲା। ପରେ ଯଜ୍ଞ ଆହୁତି, ନାମ ସଙ୍କୀର୍ତ୍ତନ ସହ ଭଜନ ସନ୍ଧ୍ୟା, ୨୪ ପ୍ରହରୀ ନାମଯଜ୍ଞ, ପ୍ରସାଦ ସେବନର କାର୍ଯ୍ୟକ୍ରମ ରହିଥିବା ବେଳେ ଆସନ୍ତା ଦୁଇ ଦିନ ଧରି ଏଠାରେ ମେଳା ଲାଗି ରହିବ। ସରପଞ୍ଚ ଚନ୍ଦ୍ରକାନ୍ତ ମଲ୍ଲିକଙ୍କ ସହଯୋଗ



କ୍ରମେ ଗ୍ରାମବାସୀଙ୍କ ପକ୍ଷରୁ ଗ୍ରାମ ମାଲିକ ବ୍ରଜେନ୍ଦ୍ର ସାମଲ, ଗୋପରଞ୍ଜନ ସାମଲ, ମନୋରଞ୍ଜନ ଘୋଷ, ସନ୍ତୋଷ ସିଂ, ଅଜୟ ଘୋଷ, ନରେନ୍ଦ୍ର ସାମଲ, ହରକୃଷ୍ଣ ମଲ୍ଲିକ, ନଗେନ୍ଦ୍ର ସାମଲ, ସତ୍ୟରଞ୍ଜନ ସାମଲ, ଲକ୍ଷ୍ମୀନାରାୟଣ ମଲ୍ଲିକ, ବିରେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ପଞ୍ଚମୁଖୀ ହନୁମାନ ମନ୍ଦିରର ମୁଖ୍ୟ ପୂଜକ ସୁବ୍ରତ କରଙ୍କ ଉପସ୍ଥିତିରେ ଅନ୍ୟ ତିନି ଜଣ ପ୍ରମୁଖ ପଣ୍ଡିତ ବାସୁଦେବ କର, ବିରଞ୍ଚି ନାରାୟଣ ଧର, ଅଜୟ ପାଣିଗ୍ରାହୀ ଯଜ୍ଞାଦି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

# ସାର୍ବଜନୀନ ଚଉଦମାଦଳ ନାମ ମହାଯଜ୍ଞ

ଶ୍ରଦ୍ଧାପୁର, ୨୧।୪ (ସମିସ) : ଭୋଗରାଇ ବ୍ଲକ ଶଙ୍ଖାରି ପଞ୍ଚାୟତର ଦୁର୍ଗାଦେବୀ ହାଟ ନାଫରାଇ, ଶଙ୍ଖାରୀ ବରଗଛ ମୂଳ, ହାଟ ପ୍ରାଙ୍ଗଣରେ ସାର୍ବଜନୀନ ଚଉଦମାଦଳ ନାମ ମହାଯଜ୍ଞ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏହି ନାମଯଜ୍ଞ ୧୯୭୨ ମସିହାଠାରୁ ନାମଯଜ୍ଞ କମିଟିର ସଦସ୍ୟବୃନ୍ଦଙ୍କ ଆପ୍ରାଣ ଉଦ୍ୟମ, ପ୍ରଚେଷ୍ଟା ଓ ଏ ଅଞ୍ଚଳବାସୀଙ୍କ ଅକୁଣ୍ଠ ସାହାଯ୍ୟ ସହଯୋଗରେ ସୁନ୍ଦର ଆଧ୍ୟାତ୍ମିକ ଅନୁଷ୍ଠାନ ପାଳିତ ହୋଇ ଆସୁଅଛି। ଯୁଗ ପୁରୁଷ ଶ୍ରୀ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ପ୍ରଦର୍ଶିତ ପ୍ରେମମୟ ମହା ନାମ ଯଜ୍ଞ ଗୁରୁବାର ଠାରୁ ମଙ୍ଗଳବାରପର୍ଯ୍ୟନ୍ତଚବିଶପ୍ରହରବ୍ୟାପିଚଉଦମାଦଳ ନାମ ଯଜ୍ଞ, ଦଧିଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଗତ ଗୁରୁବାର ଦିନ ଚବିଶ ପ୍ରହର ନାମ ଯଜ୍ଞର ଶୁଭାଧିବାସ ଓ ପତାକା ଉତ୍ତୋଳନ ହୋଇଥିଲା। ସେହିପରି ଶୁକ୍ରବାର ସକାଳ ୮ ଘଟିକାରେ ଘଟୋତ୍ତୋଳନ



କାର୍ଯ୍ୟକ୍ରମ ସହିତ ରାତ୍ରି ୮ ଘଟିକାରେ ଛପନ ମୃଦଙ୍ଗ ସହିତ ଚବିଶ ପ୍ରହର ନାମଯଜ୍ଞର ଶୁଭାରମ୍ଭ, ସର୍ବମେଳି ଏବଂ ପ୍ରସାଦସେବନ ହୋଇଥିଲା। ଶନିବାର ସକାଳ ୮ ଘଟିକାରେ ନଗରକୀର୍ତ୍ତନ ଓ ରାତ୍ରି ୮ ଘଟିକାରେ ସର୍ବମେଳି ଏବଂ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ରବିବାର ସକାଳ ୮ ଘଟିକାରେ ନଗରକୀର୍ତ୍ତନ ଓ ରାତ୍ରି ୮ ଘଟିକାରେ ସର୍ବମେଳି ଏବଂ ପ୍ରସାଦ ସେବନ ଅନୁଷ୍ଠିତ ହେବ। ସୋମବାର ସକାଳ ୮ ଘଟିକାରେ ନଗରକୀର୍ତ୍ତନ ସହିତ ଦିବା ୧୧ ଘଟିକାରେ ମହା ମହୋତ୍ସବ ଓ ପ୍ରସାଦ ସେବନର ଆୟୋଜନର ବ୍ୟବସ୍ଥା କରାଯାଇଛି। ରାତ୍ରି ୮ ଘଟିକାରେ ସର୍ବମେଳି ଏବଂ ରାତ୍ରି ୧୦ ଘଟିକାରେ ଚବିଶ ପ୍ରହର ବ୍ୟାପି ନାମଯଜ୍ଞର ବିଶ୍ରାମ। ସେହିପରି ମଙ୍ଗଳବାର ସନ୍ଧ୍ୟା ୭ ଘଟିକାରେ ଦଧିଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆୟୋଜିତ ମହାଯଜ୍ଞରେ ହରି ନାମ ସଂକୀର୍ତ୍ତନ ଧ୍ୱନି ସମଗ୍ର ଅଞ୍ଚଳରେ ପ୍ରକମ୍ପିତ ହେଉଥିଲା ବେଳେ କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କ୍ଷେତ୍ରରେ ସହଯୋଗ କରିଥିଲେ।

**ସୋହରିଆ ବାସନ୍ତୀ ପୂଜା ଉପଲକ୍ଷେ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ**

# ଚନ୍ଦନେଶ୍ୱର ଚାମ୍ପିଅନ, ଭୋଗରାଇ ରନର୍ସଅପ୍

ଭୋଗରାଇ, ୨୧।୪ (ସମିସ) :

ଭୋଗରାଇ ବ୍ଲକ ସୋହରିଆ ପଞ୍ଚାୟତ ଅନ୍ତର୍ଗତ ସୋହରିଆ ଗ୍ରାମର ସାର୍ବଜନୀନ ବାସନ୍ତୀ ପୂଜା ଉପଲକ୍ଷେ ୪ ଦିନିଆ ଦିବାରାତ୍ର ଲିଗ ମ୍ୟାଚ ଭଲିବଲ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ହରପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖସ୍ଥ ଖେଳ ପଡ଼ିଆରେ ଅନୁଷ୍ଠିତ ଏହି ଭଲିବଲ ପ୍ରତିଯୋଗିତାକୁ ବୁଧବାର ସନ୍ଧ୍ୟାରେ ଗ୍ରାମ୍ୟ କମିଟି ସଭାପତି ରାଧାକୃଷ୍ଣ ମହାନ୍ତି ଉଦଘାଟନ କରିଥିଲାବେଳେ ଶନିବାର ରାତିରେ ଏହା ଉଦ୍‌ଯାପିତ ହୋଇଯାଇଛି। ଏହି ଦିବାରାତ୍ର ଲିଗ ମ୍ୟାଚ ଭଲିବଲ ପ୍ରତିଯୋଗିତାରେ ବାଣିଦା, ଏଗ୍ରା, ଭୋଗରାଇ ଓ ଚନ୍ଦନେଶ୍ୱର ଭଲିବଲ ଦଳ



ଅଂଶଗ୍ରହଣ କରିଥିଲାବେଳେ ଭୋଗରାଇ ଓ ଚନ୍ଦନେଶ୍ୱର ଭଲିବଲ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଚନ୍ଦନେଶ୍ୱର ଭଲିବଲ ଦଳ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରି ଚାମ୍ପିଅନ ହୋଇଥିଲା ବେଳେ ଭୋଗରାଇ ଭଲିବଲ ଦଳ ରନର୍ସ ଅପ୍ ହୋଇଥିଲେ। ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହିତ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ରାଜ୍ୟ ସ୍ତରର ରେଫରୀ ସଞ୍ଜିବ କୁମାର ପଣ୍ଡା, ସୁଶାନ୍ତ କୁମାର ସାହୁ ଓ ଶ୍ରୀହରି ଚରଣ ଦାସ ଖେଳ ପରିଚାଳନା କରିଥିଲେ। ଜୟନ୍ତ ତ୍ରିପାଠୀ, ସୁଶୀଲ ଦତ୍ତ, ସର୍ବେଶ୍ୱର ପ୍ରଧାନ, ବିନୟ ମଣ୍ଡଳ, ସୁବାଷ ଚନ୍ଦ୍ର ଦେ, ସତ୍ୟରଞ୍ଜନ ତ୍ରିପାଠୀ, ବିକ୍ରମ ବେହେରା, ବସନ୍ତ ବେହେରା, ଅନନ୍ତ ମହାନ୍ତି, ମନ୍ମଥ କର, ତପନ ମାହାନା, ସ୍ଥାନୀୟ ସରପଞ୍ଚ ଜଗନ୍ନାଥ ସେଠୀ, ଅଶୋକ ପାତ୍ର, ହରିହର ମଣ୍ଡଳ, ହରିହର ତ୍ରିପାଠୀ, ନନିଗୋପାଳ ବାରିକ, ଗୌରାଙ୍ଗ କର, ବିମଳ ବେହେରା, ରାଖାଲ ମହାନ୍ତି ପ୍ରମୁଖଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ପରିଚାଳନା କରିଥିଲେ।

# ଅଳତି ପଞ୍ଚାୟତ ପକ୍ଷରେ ଖୋଲିଲା ଜଳଛତ୍ର



**ରାମଚନ୍ଦ୍ରପୁର, ୨୧।୪(ସମିସ):** ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଅଳତି ପଞ୍ଚାୟତ ପକ୍ଷରୁ ଅଳତି, ବେଲସୁନ୍ଦରୀ, ରାଇତୋଳା, ଜନାର୍ଦ୍ଦନପୁର ପାଟଣା, ପଦନପୁର, ହରିପୁର, ଜେନାପଦା ପ୍ରଭୃତି ଗାଁ ଛକ ସ୍ଥାନରେ ଜଳଛତ୍ରର ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ସରପଞ୍ଚ ଇଂ.ପ୍ରିୟବ୍ରତ ବରାଳ ଅଳତି ଗାନ୍ଧୀ ଛକରେ ଉପସ୍ଥିତ ରହି ଜଳଛତ୍ରକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିବା ସହ ପଥଚାରୀମାନଙ୍କୁ ଦହି ସର୍ବତ୍ ବଣ୍ଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ମହାବୀର କମିଟିର ସଦସ୍ୟ ମାନେ ଉପସ୍ଥିତ ରହି ସହଯୋଗ କରିଛନ୍ତି। ଖରାର ପ୍ରକୋପ ଦିନକୁ ଦିନ ବଢ଼ି ଚାଲିଥିବାରୁ ଏହି ଜଳଛତ୍ର କାର୍ଯ୍ୟକ୍ରମ ଆଜିଠାରୁ ଏକମାସ ଧରି ଜାରି ରହିବ ବୋଲି ସରପଞ୍ଚ ପ୍ରକାଶ କରିଛନ୍ତି।

# ମୋଚିବନ୍ଧ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



**କେନ୍ଦୁଝର, ୨୧।୪(ସମିସ):** କେନ୍ଦୁଝରର ସରକାରୀ ଉଚ୍ଚ ବିଦ୍ୟାଳୟ, ମୋଚିବନ୍ଧର ୪୩ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ସଞ୍ଜୟ ବସନ୍ତ ଚକ୍ର ଏବଂ ସମ୍ମାନୀତ ଅତିଥି ଭାବେ ଏହି ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ପଣ୍ଡା, ମଦନ ମୋହନ ଦ୍ୱିବେଦୀ, ଝାଡେଶ୍ୱର ମିଶ୍ର ଓ ସୁଶୀଲ କୁମାର ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଏକାଗ୍ର ଚିତ୍ତରେ ଅଧ୍ୟୟନ ପୂର୍ବକ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦ୍ୱିତୀକୃଷ୍ଣ ବେହେରା ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଅତିଥି, ଅଭିଭାବକ, ଅଭିଭାବିକାମାନଙ୍କୁ ବିମୋହିତ କରିଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଦେବସ୍ମିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପୁରସ୍କାର ବିତରଣୀ ଉତ୍ସବରେ ମାଧପୁରର ପୂର୍ବତନ ଛାତ୍ର କେଶବ ଦାସଙ୍କ ସ୍ଥାପିତ ନୟନଦେବୀ ଧରଣୀଧର ଆୱାର୍ଡ ପଞ୍ଚମ ଏବଂ ନବମ ଶ୍ରେଣୀର କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। କ୍ରୀଡା ଶିକ୍ଷକ ଫକିର ମୋହନ ମହାନ୍ତ, ଶିକ୍ଷକ ଶାନ୍ତନୁ କୁମାର ମହାପାତ୍ର, ସୌମ୍ୟରଞ୍ଜନ ବେହେରା, ଶିକ୍ଷୟିତ୍ରୀ ତୃପ୍ତିମଞ୍ଜରୀ ନାୟକ, ବିଜୟଲକ୍ଷ୍ମୀ ଦାସ, ତେଜସ୍ୱିନୀ ପାତ୍ର, ଶିଖାଦେବୀ ନାୟକ, ମଧୁସ୍ମିତା ସେଠୀ, ଜୋସ୍ନାରାଣୀ ସାହୁ, ଲୋପାମୁଦ୍ରା ପରିଡ଼ା, ତନୁଜା ଦାସ ଏବଂ ଉର୍ମିଳା ମହାନ୍ତ, କାର୍ଯ୍ୟାଳୟ ସହାୟକ ସତ୍ୟଜିତ୍ ସାହୁ, ଶିକ୍ଷା କର୍ମଚାରୀ ଭାରତୀ ମହାନ୍ତ, ରିଟନ ମହାଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ହନୁମାନ ବିଗ୍ରହ ପୁନଃ ପ୍ରତିଷ୍ଠା ଉତ୍ସବ

**ଚମ୍ପୁଆ, ୨୧।୪(ସମିସ):** ଚମ୍ପୁଆ ବ୍ଲକର ବସିରା ଗ୍ରାମସ୍ଥିତ ହନୁମାନ ବାଟିକା ପୀଠରେ ପୂଜାର୍ଚ୍ଚନା ପରେ ପାଲା ପରିବେଷିତ କରାଯାଇଛି। ସକାଳୁ ରୀତିନୀତି ଅନୁସାରେ ପୂଜା ଅର୍ଚ୍ଚନା ଓ ଦେବନୀତି ସମ୍ପର୍ଣ୍ଣ ପରେ ହନୁମାନ ମୂର୍ତ୍ତି ଦାତା ଇଂ-ମହେନ୍ଦ୍ର କୁମାର ମହାନ୍ତଙ୍କ ସଂକଳ୍ପରେ ହନୁମାନ ବିଗ୍ରହକୁ ସ୍ଥାନାନ୍ତରିତ କରାଯାଇ ମନ୍ଦିରରେ ସ୍ଥାପନ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଗୋବର୍ଦ୍ଧନ ମହାନ୍ତ ଓ ଦିଲ୍ଲିପ କୁମାର ମହାନ୍ତ ମୁଖ୍ୟ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ଗୋପୀନାଥ ମହାନ୍ତ, ମହେନ୍ଦ୍ର ମହାନ୍ତ ପୀଠରେ ରୀତିନୀତି ଅନୁସାରେ ପୂଜା ପାଠ କରିଥିଲେ। ଶ୍ରଦ୍ଧାଳୁ ଅଶୋକ କୁମାର ମହାନ୍ତ, ସସ୍ମିତା ମଞ୍ଜରୀ ମହାନ୍ତ, ନବନିତା ମହାନ୍ତ, ବିମଳା ମହାନ୍ତ, ଅନୁକ୍ତା ମହାନ୍ତ, ସୁକାନ୍ତୀ ମହାନ୍ତ ପ୍ରମୁଖ ଏଥିରେ ସହଯୋଗିତା କରିଥିଲେ। ଏହି ଉତ୍ସବରେ ରାମାୟଣ ପୃଷ୍ଠଭୂମିକୁ ନେଇ ଗାୟକ ସଞ୍ଜିବନୀ ଭାବଗ୍ରାହୀ ମହାନ୍ତ, ସହଯୋଗୀ ଶିବଶଙ୍କର ପରିଡ଼ା, ବାୟକ ଲାଲମୋହନ ନାୟକ, ପାଣ୍ଡବ ମହାରଣା, ଶରତ ନାଏକଙ୍କୁ ନେଇ ଉଚ୍ଚକୋଟିର ପାଲା ପରିବେଷଣ କରିଥିଲେ।



## କେଶଦୁରାପାଳରେ ଉତ୍କଟ ହେଲାଣି ଜଳକଷ୍ଟ

# ଟ୍ୟାଙ୍କର ଯୋଗେ ଦିଆଗଲା ପିଇବା ପାଣି

**ଆନନ୍ଦପୁର, ୨୧।୪(ସମିସ)**



ଗ୍ରୀଷ୍ମ ପ୍ରବାହରେ ଦିନକୁ ଦିନ ଉତ୍ତାପ ବଢ଼ୁଥିବା ଏବଂ ଗୁଳୁଗୁଳି ଓ ଅସହ୍ୟ ତାତିରେ ଲୋକେ ଛଟପଟ ହେଉଥିବା ବେଳେ କେଶଦୁରାପାଳ ଗ୍ରାମରେ ପାନୀୟ ଜଳର ଉତ୍କଟ ଅଭାବ ଏହି ଅବସ୍ଥାକୁ ଦ୍ୱିଗୁଣିତ କରିଛି। ଏଠାରେ ଥିବା ଜଳ ଯୋଗାଣ ବ୍ୟବସ୍ଥାରେ ଦୀର୍ଘଦିନ ହେବ ସମସ୍ୟା ଲାଗି ରହିଥିବାରୁ ଗ୍ରାମବାସୀ ପାନୀୟଜଳ ପାଇଁ ନାହିଁ ନଥିବା ହୀନସ୍ତା ହେଉଛନ୍ତି। ଏହି ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ରେମାଳ ନଦୀରେ ଦୁଇଗୋଟି ଗଭୀର ନଳକୂପ ଖୋଳାଯାଇଅଛି। ୧ନଂ ପମ୍ପ ହାଉସ ପାଇଁ ବୋରିଂ କରାଯିବା ପରେ ପାନୀୟ ଜଳ ସମସ୍ୟା କେତେକାଂଶରେ ସମାଧାନ ହୋଇଥିବା ବେଳେ ଏବେ ୨ନଂ ପମ୍ପ ହାଉସ ଅଚଳ ହୋଇପଡ଼ିଥିବାରୁ ପୁଣି ଆଉ ଏକ ସମସ୍ୟା ସୃଷ୍ଟି ହୋଇଛି। ରେମାଳ ଡ୍ୟାମରେ ଜଳପତନ ଖସିଯାଇଥିବାରୁ ନଦୀରେ ପାଣି ଆସୁନଥିବା ଓ ଏଥି ଯୋଗୁ ୨ନଂ. ପମ୍ପ ହାଉସ ଅଚଳ ହୋଇପଡ଼ିଥିବାରୁ ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ଲୋକେ ପାଣି ନପାଇ ହନ୍ତସନ୍ତ ହେଉଥିବାରୁ ସ୍ଥାନୀୟ ସରପନଚ ଶ୍ରୀମତୀ ମାନସୀ ମହାରଣା ଟ୍ୟାଙ୍କର ଯୋଗେ ପାନୀୟ ଜଳ ବଣ୍ଟନ କରିଥିବା ଜଣାଯାଇଛି। ହେଲେ ମହାରଣା ସାହି, ଉପର ସାହି, କୁରାଳ ସାହି, ମାଳି ସାହି ରେ ପାନୀୟ ଜଳ ସମସ୍ୟା ଲାଗି ରହିଥିବାରୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ଲୋକଙ୍କ ଆବଶ୍ୟକତାକୁ ମେଣ୍ଟାଇ ପାରିବ ନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଣୁ ଆନନ୍ଦପୁର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଯଥାଶୀଘ୍ର ପାନୀୟ ଜଳ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

## ● ଅନ୍ୟତମ ଉତ୍ତପ୍ତ ସହର

# ୪୩.୬ ଡିଗ୍ରି ହେଲା କେନ୍ଦୁଝର

**କେନ୍ଦୁଝର, ୨୧।୪(ସମିସ):** କେନ୍ଦୁଝରରେ ଗତ ଏକ ସପ୍ତାହ ହେବ ତାତି ବଢ଼ି ଚାଲିଥିବା ବେଳେ ରବିବାର ଏବର୍ଷର ସର୍ବାଧିକ ତାପମାତ୍ରା ରେକର୍ଡ ହେଲାଣି। ଆଗକୁ ତାପମାତ୍ରା ଅଧିକ ବୃଦ୍ଧି ପାଇବା ସମ୍ଭାବନା ରହିଥିବା ବେଳେ ପାଣିପାଗ ବିଭାଗ ପକ୍ଷରୁ ୱାର୍ନିଙ୍ଗ ଜାରି ହୋଇଛି। ଶୁକ୍ରବାର ତାପମାତ୍ରା ୪୨.୨ ଡିଗ୍ରୀ ରହିଥିଲା। ଶନିବାର ପୁନର୍ବାର ବୃଦ୍ଧି ହୋଇ ଏହା ୪୩.୫ ଡିଗ୍ରୀ ହୋଇଥିଲା। ରବିବାର ପୁନର୍ବାର ତାପମାତ୍ରା ବୃଦ୍ଧିପାଇ ୪୩.୬ ଡିଗ୍ରୀ ସେଲସିୟସ ହୋଇଛି। ଗରମ ଏଭଳି ହେଉଛି ସକାଳୁ ବାହାରକୁ ବାହାରିବା କଷ୍ଟକର ହୋଇଥିବା ବେଳେ ଏସି ମଧ୍ୟ ଠିକ କାମ କରୁନଥିବା ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ ବ୍ୟାପକ ତାତିକୁ ନେଇ ସତର୍କତା ଅମଲମ୍ବନ କରାଯାଉଛି। ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ପାନୀୟ ଜଳ ବ୍ୟବସ୍ଥା କରାଯାଉଛି।

# ତେଲକୋଇରେ ବିଜେଡିର ଆଶୀର୍ବାଦ ସମାବେଶ



**ତେଲକୋଇ, ୨୧।୪(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକରେ ଆଜି ବିଜୁ ଜନତା ଦଳ ପକ୍ଷରୁ ଆଶୀର୍ବାଦ ଭିକ୍ଷା ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଜୁ ଜନତା ଦଳ ପକ୍ଷରୁ ବାଇକ୍ ରାଲି କରାଯିବା ସହିତ ଏକ ନିର୍ବାଚନୀ ପ୍ରଚାର ସଭା ଅନୁଷ୍ଠିତ ହୋଇଥିଲା।

ଓରିଆ ବିରିଦା ପଞ୍ଚାୟତ କତରା ପାଲି ସ୍ଥିତ ହନୁମାନ ମନ୍ଦିରରୁ ହଜାର ହଜାର କର୍ମୀଙ୍କ ଗହଣରେ ଏକ ବାଇକ୍ ରାଲିରେ ଆସି ବଜାର ଅଞ୍ଚଳ ପରିକ୍ରମା କରି ତେଲକୋଇ ସଦର ମହକୁମା ହାଟ ପଡ଼ିଆରେ ଆୟୋଜିତ ଆଶୀର୍ବାଦ ଭିକ୍ଷା ସମାବେଶ କାର୍ଯ୍ୟକ୍ରମରେ ପହଞ୍ଚି ଥିଲେ। ସାଙ୍ଗରେ ଏକ ଖୋଲାଜିପରେ ଦଳୀୟ ସାଂସଦ ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ, ବିଧାୟକ ପ୍ରାର୍ଥୀ ମାଧବ ସର୍ଦ୍ଦାର ପ୍ରଚାରରେ ଆସି ସମାବେଶରେ ଯୋଗ ଦେଇଥିଲେ। ଏହାପରେ ବ୍ଲକ ସଭାପତି ସନ୍ତୋଷ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲ୍ଲାର ଭେଟରାନ ଲିଡର ତଥା ଘଷିପୁରା ବିଧାୟକ ବଦ୍ରି ନାରାୟଣ କାର୍ଯ୍ୟକ୍ରମରେ ଯୋଗ ଦେଇ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଏହାପରେ ଧନୁର୍ଜୟ ସିଦ୍ଧୁ ଓ ମାଧବ ସର୍ଦ୍ଦାର ନିଜ ନିଜ ପାଇଁ ଭୋଟ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଜୁ ଜନତା ଦଳର ଜିଲ୍ଲା ପରିଷଦ ସଦସ୍ୟ ଆଶିଷ ଚକ୍ରବର୍ତ୍ତି ସଂଯୋଜନା କରିଥିଲେ। ଏହା ସହିତ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ସଂଗ୍ରାମ କେଶରୀ ପାଇକରାୟ, ବରିଷ୍ଠ ନେତା କାନନ ବିହାରୀ ପହି, ଜିଲ୍ଲା ପରିଷଦ ସଦସ୍ୟ କେଦାର ଚନ୍ଦ୍ର ପ୍ରଧାନ, ବ୍ଲକ ଅଧକ୍ଷ ବିକ୍ରମ ନାୟକ, ବ୍ଲକ ସଂଯୋଜକ ଲଳିତ ମୋହନ ପ୍ରଧାନଙ୍କ ସମେତ ବରିଷ୍ଠ କର୍ମକର୍ତ୍ତା ଯୋଗ ଦେଇଥିଲେ।



## ● ହଦଗଡ଼ ବନାଞ୍ଚଳରେ ଲାଗିଲା ନିଆଁ

# ଚକ୍ରତୀର୍ଥ ଓ ବାଇହା ହୁଡିରେ ବ୍ୟାପକ କ୍ଷୟକ୍ଷତି

**ଆନନ୍ଦପୁର, ୨୧।୪(ସମିସ):** ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡର ହଦଗଡ଼ ହସ୍ତୀ ଅଣୟାରଣ୍ୟ ଅଞ୍ଚଳେର ନିଆଁ ଲାଗିଯାଇ ଏହା କ୍ରମଶଃ ଚତୁଃର୍ଦିଗକୁ ବ୍ୟାପୁଥିବାରୁ ଜଙ୍ଗଲ ଓ ବନ୍ୟପ୍ରାଣୀ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ତାତି ସହିତ ନିଆଁର ଉତାପ ଯୋଗୁ ଜଙ୍ଗଲ ଅଞ୍ଚଳ ଏବେ ନିଆଁ ଧୂଆଁମୟ ହୋଇଉଠିଛି। କାଠକଟା ବନାଞ୍ଚଳର ଚକ୍ରତୀର୍ଥ ଓ ବାହିଆହୁଡିରେ କେତେକ ଲୋକେ ନିଆଁ ଲଗାଇ ଦେବାରୁ ଜଙ୍ଗଲରେ ପଡ଼ିଥିବା ଶୁଖିଲାପତ୍ରରେ ନିଆଁ ଚତୁର୍ଦିଗକୁ ବ୍ୟାପୀ ଯାଇଛି। ଗତ ୩ ଦିନ ହେବ ଏହି ନିଆଁ ଲାଗିଥିବା ବେଳେ ଜଙ୍ଗଲ ବିଭାଗ ପକ୍ଷରୁ ଏହାକୁ ଲିଭାଇବା ପାଇଁ ପ୍ରାଣାନ୍ତକ ଉଦ୍ୟମ ଆରମ୍ଭ ହୋଇଛି। ହେଲେ ନିଆଁ ଆୟତ ହୋଇପାରିନଥିବା ଜଣାଯାଇଛି। ଜଙ୍ଗଲ ବିଭାଗ କର୍ମଚାରୀମାନେ ନିଆଁକୁ ଲିଭାଇ ଫେରିବା ପରେ ଜଙ୍ଗଲ ଆଖପାଖ ଅଞ୍ଚଳ ଲୋକେ ପୁଣି ନିଆଁ ଲଗାଇ ଦେଉଥିବାରୁ ପରିସ୍ଥିତି ଆୟତ୍ତ ହୋଇପାରିନାହିଁ। ହଦଗଡ଼ ବନ ଅଧିକାରୀ ମାର୍ଶାଲ କିସ୍କୁ, ବନପାଳ ମଳୟ ସାହୁ, ବନପାଳ ଡମ୍ବୃରୁଧର ମହାନ୍ତ, ବନପାଳ ଜ୍ୟୋତିରଞ୍ଜନ ମାଝୀ ଓ ବନ କର୍ମଚାରୀ ଅଜୟ ସେଠୀ ଚକ୍ରତୀର୍ଥ ଓ ବାହିଆ ହୁଡି ଅଞ୍ଚଳରେ ଲାଗିଥିବା ନିଆଁକୁ ଲିଭାଇବା ପାଇଁ ପଦକ୍ଷେପ ଗ୍ରହଣ କରିଥିଲେ ମଧ୍ୟ ଜାଳକାଠ ସଂଗ୍ରହ ପାଇଁ ଜଙ୍ଗଲ ପାଖର କେତେକ ବସ୍ତି ଲୋକେ ରାତିରେ ନିଆଁ ଲଗାଇ ଦେଉଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଏଣୁ ଜଙ୍ଗଲ ବିଭାଗ ପକ୍ଷରୁ ବନାଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

## ● ଆନନ୍ଦପୁର ସାପ୍ତାହିକ ହାଟରେ ମାତିଛନ୍ତି ଜୁଆଡି

# ହାଟ ଲାଇସେନ୍ସ ରଦ୍ଦ କରିବାକୁ ଦାବି

**ଆନନ୍ଦପୁର, ୨୧।୪(ସମିସ):** ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସାପ୍ତାହିକ ହାଟରେ ଜୁଆଖେଳ ଏକ ଲାଭଦାୟକ ବ୍ୟବସାୟରେ ପରିଣତ ହେଲାଣି। ହାଟର ଅନତି ଦୂରରେ ଆଢୁଆଳ ଅବସ୍ଥାରେ ଚାଲିଥିବା ଏହି ଜୁଆ ଖେଳର ଶିକାର ହେଉଛନ୍ତି ଅନେକ ଯୁବପିଢ଼ି। ହାଟ ସଉଦା କରିବାକୁ ଆସୁଥିବା ଅନେକ ଲୋକ ଜୁଆ ଖେଳରେ ମାତି କ୍ଷତିଗ୍ରସ୍ତ ହେଉଛନ୍ତି। ଏହା ପରେ ନିଶାସକ୍ତ ଅବସ୍ଥାରେ ଘରକୁ ଫେରିବା ଓ ଘରେ ଝଗଡ଼ା ମାଡଗୋଳ କରିବା ଭଳି ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେଉଥିବାରୁ ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଖବର ପାଇ ଘସିପୁରା ପୁଲିସ ସ୍ଥାନୀୟ ଖାଳିଆମେଣ୍ଟା ସାପ୍ତାହିକ ହାଟରେ ଚାଲିଥିବା ଜୁଆ ଆଡାରେ ଚଢଉ କରିଛି। ପୁଲିସକୁ ଦେଖି ଜୁଆ ଖେଳ କରୁଥିବା ବ୍ୟବସାୟୀ ଛତ୍ରଭଙ୍ଗ ଦେଇ ଫେରାର ହୋଇଯାଇଥିବା ବେଳେ ପୁଲିସ ଜୁଆଖେଳ ଉପକରଣକୁ ଜବତ କରିଛି। ତେବେ ହାଟ ନେଇଥିବା ପଟାଦାରଙ୍କୁ ଏନେଇ ତାଗିଦ କରିବା ସହିତ ଜୁଆଖେଳ ବନ୍ଦ ନକଲେ ହାଟ ନିଲାମ ଲାଇସେନ୍ସ ରଦ୍ଦ କରାଯିବା ପାଇଁ ପ୍ରଶାସନ ଓ ପୁଲିସ ପକ୍ଷରୁ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଅନାଥାଶ୍ରମ ମହିଳାଙ୍କୁ କାର୍‌ରେ ଉଠାଇ ନେଲେ ଦୁର୍ବୃତ୍ତ

# ଉଦ୍ଧାର ପରେ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି

**ଆନନ୍ଦପୁର, ୨୧।୪(ସମିସ)**



ଦିବାଲୋକରେ ଜଣେ ମହିଳାଙ୍କୁ କାରରେ ଉଠାଇ ନେବା ପରେ ଅପହୃତ ମହିଳା ଯୁବକମାନଙ୍କ ଦ୍ୱାରା ଉଦ୍ଧାର ହୋଇ ଗୁରୁତର ଅବସ୍ଥାରେ ଆନନ୍ଦପୁର ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ଘସିପୁରା ଗାଁ ନିକଟରେ ଥିବା ଏକ ଅନାଥାଶ୍ରମରେ କାର୍ଯ୍ୟରତ ଜଣେ ମହିଳା ଆଜି ଏଟିଏମ୍‌ରୁ ଟଙ୍କା ଉଠାଇବାକୁ ଆସୁଥିବା ସମୟରେ ଲାଲ ରଙ୍ଗର ଏକ ଅଲ୍ଟୋ କାର୍‌ରେ ଜଣେ ଦୁର୍ବୃତ୍ତ ଆସି ତାଙ୍କୁ ଅପହରଣ କରି ବ୍ୟାରେଜ ରାସ୍ତାରେ ଦ୍ରୁତ ଗତିରେ ପଳାଇ ଯାଉଥିଲେ। ଖବର ପାଇ କୁମୁଣିଆ ଗାଁର କିଛି ଯୁବକ ଗାଡିଟିକୁ ଅଟକାଇବାକୁ ଚେଷ୍ଟା କରିଥିବା ବେଳେ ଅପହରଣକାରୀ ଦ୍ରୁତଗତିରେ ଗାଡିକୁ ବୁଲାଇ ଝାଡେଶ୍ୱର ମନ୍ଦିର ରାସ୍ତାରେ ଫେରି ଆସିଥିଲେ। ମହିଳା ଜଣଙ୍କୁ ଅପହରଣକାରୀ ମାଡ଼ ମାରିବା ସହିତ ଏକ ଧାରୁଆ ଅସ୍ତ୍ରରେ ମୁଣ୍ଡକୁ ଆକ୍ରମଣ କରି ମନ୍ଦିର ନିକଟରେ ଫିଙ୍ଗି ଦେଇ ପଳାଇଥିବା ବେଳେ ସ୍ଥାନୀୟ ଯୁବକ ତପନ କୁମାର ସାହୁ ଓ ଅନ୍ୟ କେତେକ ଯୁବକ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଛନ୍ତି। ଖବର ପାଇ ପୁଲିସ ଡାକ୍ତରଖାନାରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଭିନ୍ନକ୍ଷମ ଛାତ୍ରୀଙ୍କୁ ସାହାଯ୍ୟର ହାତ ବଢ଼ାଇଲେ ପ୍ରମୋଦ

**ବେଲବାହାଲି, ୨୧।୪(ସମିସ)**



ଆନନ୍ଦପୁର ବ୍ଲକ ବେଲବାହାଲି ଗ୍ରାମର ଗଣେଶ୍ୱର ସାହୁ(୭୫)ଙ୍କ ଭିନ୍ନକ୍ଷମ ନାତୁଣୀ ଓଁକାର ସେବାଶ୍ରମରେ ଅନ୍ୟର ସହାୟତାରେ କମ୍ପ୍ୟୁଟର ପଢୁଥିବା ଛାତ୍ରୀ ପୂଜାରାଣୀ ସାହୁ(୨୧)। ସେ ପିଲାଦିନୁ ମାଆ' ବାପାଙ୍କୁ ହରାଇ ୭୫ବର୍ଷର ବୃଦ୍ଧ ଅଜା ଗଣେଶ୍ୱର ସାହୁଙ୍କ ସାହାରାରେ ବହୁ କଷ୍ଟରେ ଜୀବନ ବିତାଉଛନ୍ତି। ତାଙ୍କର ଛୁଆବେଳୁ ଗୋଡ଼ ଖରାପ ଥିବାରୁ ଏବେ ଆଖି ଖରାପ ହୋଇପଡ଼ିଛି। ନିଜେ ନିଜ କାମ କରିପାରୁ ନାହାନ୍ତି କିମ୍ବା ପାଠପଢ଼ି ପାରୁନାହାନ୍ତି ପୂଜାରଣୀ। ଏପରି ପରିସ୍ଥିତିରେ ତାଙ୍କର ଚିକିତ୍ସା ପାଇଁ ମେଡ଼ିସିନ ଖାଇବା ପାଇଁ ତାଙ୍କ ଅଜାଙ୍କ ପାଖରେ ଅର୍ଥ ନାହିଁ। ଘରେ ତାଙ୍କର ଆଉ ଦୁଇ ଛୋଟଛୋଟ ଭାଇ ଭଉଣୀ ଭିନ୍ନକ୍ଷମ ରହିଥିବା ବେଳେ ସ୍ୱାମୀ ପରିତ୍ୟକ୍ତା ମାଉସୀ ଅନ୍ୟର କାମଦାମ କରି ପରିବାର ଚଳାଉଛନ୍ତି। ପୂଜାରାଣୀଙ୍କ ସହ ତାଙ୍କ ଭାଗ୍ୟ ଦାଉ ସାଜିଛି। ବାଟ ଚଳାଉଥିବା ମୂଲ୍ୟବାନ ଆଖି ଦୁଇଟି ମଧ୍ୟ ପୂଜାରାଣୀଙ୍କର ନଷ୍ଟ ହେବାକୁ ବସିଲାଣି। ଡାକ୍ତରଙ୍କ ପରାମର୍ଶ କ୍ରମେ ଆଖି ଦୁଇଟି ଅସ୍ତ୍ରୋପଚାର ନକଲେ ନଷ୍ଟ ହୋଇଯିବ ଆଶଙ୍କା କରାଯାଉଛି। ଅଭାବି ଅଜା ରୋଜଗାର କ୍ଷମ ନଥିବାରୁ ନିଜର ଭିନ୍ନକ୍ଷମ ଭତ୍ତା ଗୁଜୁରାଣ ମେଣ୍ଟାଇବାରେ କିଛିଟା ସହାୟକ ହେଉଛି। ଏପରି ଅବସ୍ଥାରେ ଦୁଃଖରେ ରହିଥିବା ବେଳେ ଆଖିର ଚିକିତ୍ସା ପାଇଁ ବୃଦ୍ଧ ଅଜା ମଧ୍ୟ ଅକ୍ଷମତା ପ୍ରକାଶ କରିଛନ୍ତି। ଏ ଦୁର୍ଦ୍ଦିନ ସମୟରେ ମନରେ ଆଶା ଓ ବିଶ୍ୱାସ ରଖି ଭିନ୍ନକ୍ଷମ ଛାତ୍ରୀ ଆର୍ଥିକ୍ ସହାୟତା ପାଇଁ ସମସ୍ତଙ୍କୁ ନିବେଦନ କରିଛନ୍ତି। ଖବର ପାଇ ଟୋଲଙ୍କପଡ଼ା ଗ୍ରାମର ସ୍ୱେଚ୍ଛାସେବୀ ଯୁବକ ପ୍ରମୋଦ କୁମାର ବାରିକ କିଛି ଆର୍ଥିକ ସହାୟତା ଯୋଗାଇ ଦେବାସହ ପ୍ରତିମାସ ପୂଜାରାଣୀଙ୍କ ମେଡ଼ିସିନ ଖର୍ଚ୍ଚ ଦେବା ପାଇଁ ତାଙ୍କ ବୃଦ୍ଧ ଅଜାଙ୍କ ନିକଟରେ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରମୋଦଙ୍କର ଏଭଳି ସହାୟତା ପାଇଁ ପରିବାର ଲୋକେ କୃତଜ୍ଞତା ଜଣାଇଛନ୍ତି।

# ନବନିର୍ମିତ ଫ୍ଲାଏଓଭରରେ ଓଲଟିଲା ବୋଲେରୋ

**ଯୋଡ଼ା, ୨୧।୪(ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ସହରରେ ନୂତନ କରି ନିର୍ମାଣ ହୋଇଥିବା ରାଜ୍ୟର ଦୀର୍ଘତମ ଫ୍ଲାଏଓଭର ଉପରେ ରବିବାର ଏକ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବୋଲେରୋ ଡ୍ରାଇଭର ସାମାନ୍ୟ ଆହତ ହୋଇଥିବା ପ୍ରତ୍ୟକ୍ଷଦର୍ଶୀ କହିଥିବା ବେଳେ ଆହତଙ୍କ ସଠିକ୍ ତଥ୍ୟ ମିଳି ପାରିନାହିଁ। ସୂଚନାଯୋଗ୍ୟ ଯେ, ଓଭର ବ୍ରିଜ ଉପରେ ଥିବା ଏକ ଅଙ୍କାବଙ୍କା ରାସ୍ତାରେ ବୋଲେରୋଟି ଭାରସାମ୍ୟ ହରାଇ ଓଲଟିପଡ଼ିଥିଲା। ପୂର୍ବରୁ ମଧ୍ୟ ଆଶଙ୍କା କରାଯାଉଥିଲା ଯେ, ଫ୍ଲାଏ ଓଭର ଉପରେ ଥିବା ଉକ୍ତ ଅଙ୍କାବଙ୍କା ରାସ୍ତା ଦୁର୍ଘଟଣାର କାରଣ ହୋଇପାରେ। ଅନ୍ୟ ପକ୍ଷରେ ଫ୍ଲାଏଓଭର ଉପରେ ଗତି ନିୟନ୍ତ୍ରକ ଓ ସିସି କ୍ୟାମେରା ଲଗାଯାଇନାହିଁ। ବେପରୁଆ ଗାଡି ଚାଳକଙ୍କ ଗତି ନିୟନ୍ତ୍ରଣ କରା ନ ଗଲେ ଫ୍ଲାଏଓଭର ଉପରୁ ମଧ୍ୟ ଖସି ପଡ଼ିବାର ସମ୍ଭାବନା ରହିଛି। ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବା ପାଇଁ ଯୋଡା ଜନସାଧାରଣ ଦାବି କରିଛନ୍ତି।



# ଗୋରୁ ବୋଝେଇ ପିକ୍‌ଅପ ଭ୍ୟାନ ଜବତ; ୬ ଗୋରୁ ଉଦ୍ଧାର



**ତୁରୁମୁଙ୍ଗା, ୨୧।୪(ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ବିଲା ରାଜନଗର ରାସ୍ତାର ଗଦଗଦି ବେହେରା ସାହି ନିକଟରୁ ରବିବାର ସକାଳୁ ଏକ ଗୋରୁ ବୋଝେଇ ପିକ୍‌ଅପ ଭ୍ୟାନ୍‌କୁ ସ୍ଥାନୀୟ ଲୋକେ ଜବତ କରି ପୁଲିସ ଯକୁ ହସ୍ତାନ୍ତର କରିଛନ୍ତି। ଘଟଣାସ୍ଥଳରୁ ଡ୍ରାଇଭର ଓ ହେଲପର ଫେରାର୍ ହୋଇଯାଇଥିବା ବେଳେ ଗୋରୁ ବୋଝେଇ ପିକ୍‌ଅପ୍‌ରୁ ସ୍ଥାନୀୟ ଅଞ୍ଚଳର ଏକ ସଂଗଠନ କର୍ମକର୍ତ୍ତା ଲୋକଙ୍କ ଆଧାର କାର୍ଡ ନେଇ ୧୦ ଗୋରୁଙ୍କୁ ବାଣ୍ଟି ଦେଇଥିବା ବେଳେ ସୂଚନା ପାଇ ଘଟଣାସ୍ଥଳରେ ପାଟଣା ପୁଲିସ ପହଞ୍ଚି ୬ଟି ଗୋରୁଙ୍କୁ ଉଦ୍ଧାର କରିଛି।

